

# କଟକ ସିଟି

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ପ୍ରସ୍ତୁତି



କଟକ, ୪ା୨(ସମିସ): କଟକ-ବାରବାଟୀ ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯକ୍ରମ ପ୍ରସ୍ତୁତି ବୈଠକ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଳର ବରିଷ୍ଠ କର୍ମକର୍ତ୍ତା, କର୍ପୋରେଟର, ୱାର୍ଡ ସଭାପତି, ଯୁବ, ଛାତ୍ର ମହିଳାଙ୍କ ସମେତ ବହୁ ଛାମୁଆ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଘରେ ଘରେ ସରକାରଙ୍କ ବିକାଶ ମୂଳକ ଯୋଜନା କିପରି ପହଁଚିବ ସେ ନେଇ କର୍ମୀଙ୍କ ଆଲୋଚନା କରାଯାଇଥିଲା।

## ଶାନ୍ତି କମିଟିର ବନ୍ଧୁମିଳନ




କଟକ, ୪ା୨(ସମିସ): କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଜଗତପୁର ଡାକବଙ୍ଗଳାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। କମିଟି ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଭିକାରୀ ଦାସ ୨୦୨୩ ମସିହାରେ ସମସ୍ତ ସମ୍ପ୍ରଦାୟର ଯାନିଯାତ୍ରାଗୁଡ଼ିକ ଆଶାତୀତ ଭାବେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବାରୁ ନିର୍ବାଚିତ ଜନପ୍ରତିନିଧି, ରାଜନୈତିକ ଦଳର ନେତୃବୃନ୍ଦ, ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପ୍ରଶାସନ ପଦାଧିକାରୀ ଓ କଟକ ଡିସିପିଙ୍କ ସମେତ ପୁଲିସ ପ୍ରଶାସନର ପଦାଧିକାରୀ, ସମ୍ବାଦପତ୍ର ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଶାନ୍ତି କମିଟି ଓ ୧୭୦ଟି ପୂଜାମଣ୍ଡପର କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତକୁମାର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ତଥା ୭୨ ସଂକୀର୍ତ୍ତନମଣ୍ଡଳୀର ସର୍ବାଧିକାରୀ ସମୀର ଦେ, ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ, ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତରଞ୍ଜନ ବିଶ୍ୱାଳ, ବାରବାଟୀ-କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ରାଜ୍ୟ ନିରାମୟ ଉପଦେଷ୍ଟା ଡଃ ରଞ୍ଜନକୁମାର ବିଶ୍ୱାଳ, ବିଜେପି ନେତା ନୟନକିଶୋର ମହାନ୍ତି, ସିପିଆଇ ନେତା ଅମରେନ୍ଦୁ ମହାନ୍ତି, ବିଜେପି କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ, ଏଡିସିପି ଅନୀଲ ମିଶ୍ରଙ୍କ ସମେତ ଏସିପି ଓ ବିଭିନ୍ନ ଥାନାର ପଦାଧିକାରୀ, ସ୍ଥାନୀୟ କର୍ପୋରେଟର ନଳିନୀ ବେହେରା, ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହଚରଣ ଚୌଧୁରୀ, ନରେଶଚନ୍ଦ୍ର ସାହୁ, ଡଃ ଦ୍ୱିପାୟନ ପଟ୍ଟନାୟକ, ଗୌତମ ପରିଡ଼ା, ନଳିନୀ ସେନାପତି ଓ ନୀଳକଣ୍ଠ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ଉପସଭାପତି ଦେବେନ୍ଦ୍ର କାହାଳୀ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ

# '୫-ଟି ଉପକ୍ରମରେ ବୈଷୟିକ ଜ୍ଞାନକୁ ପ୍ରାଥମିକତା ଦିଆଯାଉଛି'

କଟକ, ୪ା୨(ସମିସ)



ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଆଜି ଅପରାହ୍ଣରେ ଷଷ୍ଠ ବାଟାଲିୟନ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ବର୍ଣ୍ଣାଢ୍ୟ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ଯେ, ପୁଲିସ ବିଭାଗରେ ଅଧିକାରୀ ଏବଂ କର୍ମଚାରୀଙ୍କୁ ଉତ୍ସାହିତ କରିବାକୁ ବୃତ୍ତିଗତ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅପରାଧିକ ମାମଲା ଗୁଡ଼ିକରେ ବୈଜ୍ଞାନିକ ପଦ୍ଧତିର ବ୍ୟବହାର କରି ପୁଲିସ ସଫଳତା ଆଣିବ ବୋଲି ଆଶାପ୍ରକଟ କରିଥିଲେ। ଏହା ପୁଲିସର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ ଜନସାଧାରଣଙ୍କ ଦ୍ୱାରା ଆଦୃତ ଏବଂ ପ୍ରଶଂସାର ପାତ୍ର ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ପୁଲିସ ବିଭାଗର ଆଧୁନିକୀକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ୫-ଟି ଉପକ୍ରମରେ ବୈଷୟିକ ଜ୍ଞାନକୁ ପ୍ରାଥମିକତା ପ୍ରଦାନ କରାଯାଉଛି ଏବଂ ନୂତନ ଭାବେ ଲାଗୁ ହୋଇଥିବା କ୍ରିମିନାଲ ଆଇନ ନିମନ୍ତେ ଏହାର ପ୍ରୟୋଗ ଭଲ ଭାବେ ପ୍ରସ୍ତୁତ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ। ଆଗାମୀ ଦିନରେ ରାଜ୍ୟ ପୁଲିସ ଅଧିକ ଲୋକାଭିମୁଖୀ ହୋଇ ରାଜ୍ୟବାସୀଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଭଲ ଭାବେ କାମ କରିବ ବୋଲି ସେ ଆଶା ପ୍ରକଟ କରିଥିଲେ। ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁଲିସ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସର୍ବୋତ୍ତମ ବୃତ୍ତିଗତ ସେବା ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ। ଏହା ସହ ଉତ୍ତରପ୍ରଦେଶ ଲକ୍ଷ୍ନୌ ଠାରେ ଆୟୋଜିତ ହେବାକୁ ଥିବା ସର୍ବଭାରତୀୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଓଡ଼ିଶା ପୁଲିସର ଟିମକୁ ଶୁଭେଚ୍ଛା ଜଣାଇଥିଲେ।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ବୃତ୍ତିଗତ ଦକ୍ଷତାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବୃତ୍ତିଗତ ଦକ୍ଷତାକୁ ଉଚ୍ଚକୋଟିର କରିବାକୁ ହେଲେ ମନୋଭାବରେ ପରିବର୍ତ୍ତନ, ଜ୍ଞାନ ଆରୋହଣ କରିବା ନିତାନ୍ତ ଜରୁରୀ ବୋଲି କହିଥିଲେ। ଏହାସହ ପୁରସ୍କାର ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତେଜସ୍ୱୀ, ବେଗମାନ, ଚଳମାନ ଏବଂ ଯଶସ୍ୱୀ ହେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କ୍ରାଇମବ୍ରାଞ୍ଚର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଆଇ.ଜି. (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ ଉପସ୍ଥିତ ଥିଲେ। ବୃତ୍ତିଗତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଟ୍ରଫି ପ୍ରଦାନ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

## କଟକ ଜିଲ୍ଲା ଏନ୍‌ଏମ୍ ଓ ପିଏସ୍ ସଂଘର ବୈଠକ

କଟକ, ୪ା୨(ସମିସ): ପୁରୁଣା ପେନ୍‌ସନ୍ ପ୍ରାପ୍ୟ ଦାବୀରେ କଟକ ଜିଲ୍ଲା ଏନଏମ ଓ ପିଏସ ସଂଘ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ କଟକସ୍ଥିତ ବାବା ସାଗର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସହ ସମ୍ପାଦକ ଅନ୍ତର୍ଯ୍ୟାମି ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଏଥରେ ରାଜ୍ୟ ସାଂଗଠନିକ ସମ୍ପାଦକ ଶୁଭ୍ରଜୀତ ପ୍ରତିହାରୀ ଯୋଗଦେଇ ପୁରୁଣା ପେନସନ ପାଇଁ ଆସନ୍ତା ୧୮ ତାରିଖ ଦିନ ରାଜଧାନୀ ଭୁବନେଶ୍ୱରଠାରେ ଏନ୍‌ଏମ ପିଏସ୍ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିବା ସୁଚନା ଦେଇଥିଲେ। ସୂଚନା ଅନୁଯାୟୀ, କଟକ ଜିଲ୍ଲା ଏନ୍‌ଏମ୍ ଓ ପି ଏସ୍ ସଂଘ ଏହି ଆନ୍ଦୋଳନରେ ସାମିଲ ହେବ ବୋଲି ସର୍ବ ସମ୍ମତି କ୍ରମେ ଘୋଷାଣା କରାଯାଇଛି। ଭବକୃଷ୍ଣ ମହାନ୍ତି ଓ ସୁଭସୁନ୍ଦର ପଣ୍ଡା, ଗଣ ଶିକ୍ଷା ବିଭାଗରୁ ଚନ୍ଦ୍ର କାନ୍ତ ମିଶ୍ର ଓ ରବୀନ୍ଦ୍ର ନାଥ ରାଉତ, ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ଗୁରୁ ଗୋବିନ୍ଦ ଦଳାଇ, ପୁଲିସ ବିଭାଗ ପକ୍ଷରୁ ମହେନ୍ଦ୍ର କୁମାର ବେହେରାଙ୍କୁ ନେଇ ପ୍ରାରମ୍ଭିକ ଭାବେ କମିଟି ଗଠନ କରାଯାଇଛି। ଏହାସହିତ ପୁରୁଣା ପେନସନ ପ୍ରାପ୍ତ ପାଇଁ କମିଟି ପକ୍ଷରୁ ଆନ୍ଦୋଳନକୁ କରାଯିବା ସହିତ ବ୍ଲକ ସ୍ତରରୁ ଆନ୍ଦୋଳନକୁ କାର୍ଯ୍ୟ କାର୍ଯ୍ୟକାରୀ କରାଯି। ଆସନ୍ତା ୧୮ ତାରିଖରେ ରାଜ୍ୟ ଏନ୍‌ଏମ ଓ ପିଏସ ସଂଘ ପକ୍ଷରୁ ଦିଆଯାଇଥିବା ଡାକାରାରେ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ନୂତନ ପେନସନ ଭୁକ୍ତ କର୍ମଚାରୀ ଯୋଗ ଦେବେ ବୋଲି ଘୋଷଣା କରାଯାଇଛି। ବୈଠକରେ ସଂଘର ଉପଦେଷ୍ଟା କଟକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ) ଶଙ୍କର୍ଷଣ ବେହେରା, ଭବ କୃଷ୍ଣ ମହାନ୍ତି ଏବଂ ଚନ୍ଦ୍ର କାନ୍ତ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାସହିତ ବୈଠକରେ ବରିଷ୍ଠ କାର୍ଯ୍ୟକର୍ତ୍ତା କାର୍ତ୍ତୀକ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ଗୋଛି, ପୂର୍ଣ୍ଣାନନ୍ଦ ବେହେରା, ପ୍ରମୋଦ କୁମାର ଭୋଇ, ବନମାଳି ସେଠିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରେଭେନ୍ସାରେ ଓଡ଼ିଆ ନାଟକ ଓ ଚଳଚ୍ଚିତ୍ର ଉତ୍ସବ

କଟକ, ୪ା୨(ସମିସ)



ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ନାଟକ ଓ ଥିଏଟର ଉତ୍ସବ ରବିବାର ଉଦ୍‌ଘାଟିତ ହୋଇଛି। ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ, ଗୀତିକାର ବିଜୟ ମଲ୍ଲ, ରେଭେନ୍ସା ସଂସ୍କୃତି ପରିଷଦର ଅଧିକାରୀ ଡଃ ନେତାଜୀ ଅଭିନନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା ଓ ସଂସ୍କୃତିର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। କୁଳପତି ପ୍ରଫେସର ସଞ୍ଜୟ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର 'ଲଳିତା' ଓ 'ଦମନ' ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ନାଟ୍ୟଦଳ ଦ୍ୱାରା 'ଉତ୍ତରାଧିକାରୀ', 'ମୋଗଲ ତାମସା', 'ପେଟେଣ୍ଟ ମେଡିସିନ', 'ନାଟକ କରି ବଞ୍ଚି ହୁଏ କି' ନାଟକ ମଞ୍ଚସ୍ଥ ହୋଇଥିଲା। ଏତଦବ୍ୟତୀତ ଦୁଇଟି ପର୍ଯ୍ୟାୟରେ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ 'ଆଧୁନିକ ନାଟକ ଓ ତା'ର ପ୍ରଭାବ', ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧାପକ ଗିରିଶ ଚନ୍ଦ୍ର ମିଶ୍ର ' ଓଡ଼ିଆ ନାଟକ : ସାହିତ୍ୟ ଓ ଗଣିତ', ବିଶିଷ୍ଟ ନାଟ୍ୟକାର ପ୍ରଫେସର ନାରାୟଣ ସାହୁ 'ପ୍ରୟୋଗାତ୍ମକ ଓଡ଼ିଆ ନାଟକ' ଉପରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ଡଃ ଲୁନା ସାମନ୍ତ ଧନ୍ୟବାଦ ଦେଇଥିଲେ।

### ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନବକଳେବର

# ଶଯ୍ୟା ସଂଖ୍ୟା ୨୫୦ ପାଇଁ ପ୍ରସ୍ତାବ

କଟକ, ୪ା୨(ସମିସ)

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ନବକଳେବର କରାଯାଉଛି। ଏହାକୁ ଏମ୍‌ସ ପ୍ଲସ୍ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଏସ୍‌ସିବି ମେଡିକାଲ ସହ ଯୋଡ଼ି ହୋଇଥିବା ସ୍ୱତନ୍ତ୍ର ବିଭାଗ ତଥା ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମଧ୍ୟ ନବକଳେବର ହେବ। କିଛି ଦିନ ପୂର୍ବେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଏହା ଘୋଷଣା କରିଥିଲେ। ତେବେ ପ୍ରତିଷ୍ଠାନର ବିଭିନ୍ନ ସମସ୍ୟାର ସମାଧାନ ଓ ଏହାର ଆଧୁନିକ ରୂପାନ୍ତରୀକରଣ ନିମନ୍ତେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ପ୍ରତିଷ୍ଠାନର କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଇ ନବୀକରଣ କାର୍ଯ୍ୟ ଆରମ୍ଭ ହେବ ତାହାର ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ(ଓବିସିସି) ସହ ଆଲୋଚନା କରାଯିବା ପରେ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ ହୋଇ କାର୍ଯ୍ୟାରମ୍ଭ ହେବ। ତେବେ ପ୍ରାଥମିକସ୍ତରରେ ଶଯ୍ୟା ସଂଖ୍ୟା ବୃଦ୍ଧି ଦିଗରେ ଗୁରୁତ୍ୱ ଦିଆଯାଇଛି। ଏଠାରେ ସମ୍ପ୍ରତି ୧୨୦ ଶଯ୍ୟା ରହିଛି। ଏହାକୁ ୨୫୦ରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ଦିଆଯାଇଥିବା ଜନୈକ ବରିଷ୍ଠ ଡାକ୍ତର କହିଛନ୍ତି।

ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପରେ ୪ଟି ନୂତନ କ୍ଲିନିକାଲ କୋଠା ନିର୍ମାଣ କରାଯାଉଛି। ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ମେଡିକାଲର ଏକାଧିକ ବିଭାଗ ସ୍ଥାନାନ୍ତର ହୋଇ ନୂତନ କୋଠାକୁ ଚାଲିଯିବ। କିନ୍ତୁ ମେଡିକାଲ ପରିସରରେ ରହିଥିବା ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ସ୍ଥାନାନ୍ତର ନକରି ନବୀକରଣ କରାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ବରିଷ୍ଠ ଡାକ୍ତରଙ୍କ କହିବା ମୁତାବକ, ଏବେ ୧୨୦ ଶଯ୍ୟା ରହିଛି। ଯାହା ପର୍ଯ୍ୟାପ୍ତ ନୁହେଁ। ମାନସିକ ଭାବେ ଅସୁସ୍ଥ ମହିଳା, ପୁରୁଷ ଏବଂ ଶିଶୁ ରୋଗୀଙ୍କୁ ପୃଥକପୃଥକ ଭାବେ ରଖାଯିବ। ୮ମହଲା (ବି+୭) ବିଶିଷ୍ଟ ଏକ କୋଠା ନିର୍ମାଣ କରାଯିବ। ସଜା କାଟୁଥିବା ଅନେକ ଅପରାଧୀ ମାନସିକ ରୋଗରେ ପୀଡ଼ିତ ହୋଇ ଆସୁଛନ୍ତି। ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରକୋଷ୍ଠ ନିର୍ମାଣ କରାଯିବ।




ଏଭଳି ଭାବେ ଅନେକ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏତଦବ୍ୟତୀତ ଆଉଟଡୋରକୁ ବୃଦ୍ଧି କରାଯିବ। ଡ୍ରଗ ହାଉସ ମଧ୍ୟ ନିର୍ମାଣ ହେବ ବୋଲି ସେ ଜଣାଇଛନ୍ତି। ମେଡିକାଲର ଏହି ପ୍ରସ୍ତାବ ଆଲୋଚନା ପ୍ରକ୍ରିୟା ଭିତରେ ଥିବା ବେଳେ ଏହା ଉପରେ ମୋହର ବାଜିଲେ କାର୍ଯ୍ୟାରମ୍ଭ ହେବ ବୋଲି ଡାକ୍ତର ଜଣକ କହିଛନ୍ତି।

ସୂଚନାଯୋଗ୍ୟ, ୧୯୬୧ ଅଗଷ୍ଟ ୧୫ରେ ଏସ୍‌ସିବି ମେଡିକାଲରେ ମାନସିକ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭାଗ ଖୋଲିଥିଲା। ଏହାର ନାଁ ରଖାଯାଇଥିଲା ଓଡ଼ିଶା ରେଡକ୍ରସ ମେଣ୍ଟାଲ ହସ୍ପିଟାଲ। ଯାହାକି ଭାରତୀୟ ରେଡକ୍ରସ ସୋସାଇଟି ଦ୍ୱାରା ପରିଚାଳିତ ହେଉଥିଲା। ୧୯୬୬ ଏପ୍ରିଲ ପହିଲାରେ ରାଜ୍ୟ ସରକାର ଓଡ଼ିଶା ରେଡକ୍ରସ ମେଣ୍ଟାଲ ହସ୍ପିଟାଲକୁ ନିଜ ଅଧିନସ୍ଥ କରିବା ସହ ଏହାର ନାମ ପରିବର୍ତ୍ତନ କରିଥିଲେ। ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ଏହା ପରିଗଣିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏଠାରେ ପାଠ୍ୟକ୍ରମ ବୃଦ୍ଧି ପାଇବା ସହିତ ଭିତ୍ତିଭୂମିର ବିକାଶ ଘଟିଥିଲା। ୨୦୧୦ ମସିହାରେ ଏହା ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପରିଚୟ ପାଇଥିଲା। ବର୍ଷାନୁକ୍ରମେ ମାନସିକ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ଏକ ରିପୋର୍ଟରୁ ଜଣାପଡେ ଯେ, ୨୦୦୦-୨୦୦୧ ମସିହାରେ ୧୯ହଜାର ୭୯୪ ରୋଗୀ ଆଉଟଡୋରକୁ ଆସିଥିଲେ। ୨୦୨୦ ମସିହାରେ ଏହି ସଂଖ୍ୟା ୭୬ହଜାର ୩୩୨ରେ ପହଞ୍ଚିଥିଲା। ଇନଡୋର ଗୁଡ଼ିକରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳୁଛି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ହେତୁ ପ୍ରତିଷ୍ଠାନର ନବକଳେବର ପାଇଁ ଉଦ୍ୟମ କରୁଛନ୍ତି ରାଜ୍ୟ ସରକାର।

## ଓଡ଼ିଆ ଭାଷା ଓ ଲିପି ବ୍ୟବହାର ପାଇଁ ସଂକଳ୍ପ



କଟକ, ୪ା୨(ସମିସ): ପତଞ୍ଜଳି ଯୋଗପୀଠ ଆନୁକୂଲ୍ୟରେ ମହାନଦୀ ବିହାର ସ୍ଥାୟୀ ଯୋଗ କେନ୍ଦ୍ରରେ ରବିବାର ପ୍ରାତଃରେ ବିଶ୍ୱ ଓଡ଼ିଆ ଭାଷା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ସତ୍ୟ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଓଡ଼ିଆ ଭାଷାର ଇତିହାସ ଉପରେ ଆଲୋକପାତ କରିବା ସହ ଏହାର ସୁରକ୍ଷା ଓ ଅଭିବୃଦ୍ଧି ନିମନ୍ତେ ଯେଉଁ ବରପୁତ୍ରମାନଙ୍କ ଅବଦାନ ରହିଛି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ଦାଶ, ସୁଧୀର ପ୍ରସାଦ ନନ୍ଦ, ସ୍ୱାଗତିକା ମହାନ୍ତି, ଅନାମିକା ହୋତା, କବିତା କରଣ, ରବି ଉପାଧ୍ୟାୟ, ଦେବାଶିଷ ଦାସ, ପ୍ରମିଳା ବସ୍ତିଆ ଓ ସୁଷମା ମଞ୍ଜରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଓ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ଛବିଳ ମଧୁ ବର୍ଣ୍ଣବୋଧ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ୩୦ରୁ ଅଧିକ ଶିବିରାଥି ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷା ଓ ଲିପିର ବ୍ୟବହାର ନିମନ୍ତେ ସଂକଳ୍ପ ନେଇଥିଲେ।




## ମଧୁ ବାବୁଙ୍କ ଶ୍ରଦ୍ଧାଞ୍ଜଳି ସଭା

କଟକ, ୪ା୨(ସମିସ): ଶୈଳବାଳା ମହିଳା କଲେଜରେ ଥିବା ମଧୁସୂଦନ ସଂଗ୍ରାହଳୟରେ ମଧୁ ସ୍ମୃତି ସଂସ୍ଥାନ ପକ୍ଷରୁ ମଧୁ ବାବୁଙ୍କ ଶ୍ରାଦ୍ଧ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର ସଭାପତି ଆଇନଜୀବୀ ଶଶୀଭୂଷଣ ଦାସ ସଭାପତିତ୍ୱ କରିଥିଲେ। ଅକ୍ଷୟ କୁମାର ଦାସ, ବିଶ୍ୱଜିତ ସୂର୍ଯ୍ୟବଂଶୀ, ଜ୍ଞାନରଞ୍ଜନ ସାମନ୍ତରାୟ, ଡକ୍ଟର ବିପ୍ଳବ ଶିଳାଦିତ୍ୟ, ବିଧାୟକ ଇଂ ମହମ୍ମଦ ମୋକିମ, ଲଲାଟେନ୍ଦୁ ବଡୁ, ଗଗନ ଚନ୍ଦ୍ର ମେହେର, ଅବସରପ୍ରାପ୍ତ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମଧୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ।






# କଟକ ସିଟି



## 'ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ ଥିଲେ ମଧୁସୂଦନ'



ଚୌଦ୍ୱାର, ୪।୨(ସମିସ): ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ ମଧୁସୂଦନ ଦାସ। ଓଡ଼ିଆ ଭାଷା ଓ ଜାତିର ସୁରକ୍ଷା ଓ ବିକାଶ ପାଇଁ ସେ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ ବୋଲି ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ମଧୁବାବୁଙ୍କ ୯୦ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ମତ ପ୍ରକାଶ ପାଇଛି। ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ତଥା ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ମାନସ ରଞ୍ଜନ ସାମଲ, ବୈଷ୍ଣବ ଚରଣ ପ୍ରଧାନ, ଅକ୍ଷୟ କୁମାର ମିଶ୍ର, ଶ୍ରୀନିବାସ ବେହେରା, ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରମୁଖ ଚୌଦ୍ୱାର ମହିଳା ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାମ୍ବାଦିକ ଗଙ୍ଗାଧର ସାହୁ, ସତ୍ୟବ୍ରତ ଦାସ, କେ.ସି.ପ୍ରତାପସିଂହ, ଅଶୋକ କୁମାର ନାୟକ, ରାଜକିଶୋର ସାମନ୍ତରାୟ, ବିମଳ କୁମାର ବେଉରା, ଭାଗୀରଥି ସାହୁ, ଅନିରୁଦ୍ଧ ସାହୁ, ଅରୁଣ ରାଉତ, ତପନ କୁମାର ସାହୁ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ବିଜୟ ନନ୍ଦ ପ୍ରମୁଖ କୁଳବୃଦ୍ଧଙ୍କ ଜୀବନୀ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦର ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରିତା ଦାସ, ଭାସ୍କର ପ୍ରସାଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ବାରଙ୍ଗ, ୪।୨(ସମିସ): ବାରଙ୍ଗ ବଟାନିକାଲ ଗାର୍ଡେନଠାରେ ମୁଣ୍ଡମୁହାଣ ହାଇସ୍କୁଲର ୧୯୯୫ ମସିହା ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୭୦ଜଣ ପୁରାତନ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଦୀର୍ଘବର୍ଷର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୁଣି ଆସନ୍ତା ବର୍ଷ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସାକ୍ଷାତ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇ ଅଭୁଲା ସ୍ମୃତିକୁ ମନେପକାଇଥିଲେ।

## ସିଆଇକେ ଚାପ୍ଟରର ଦଶମ ବାର୍ଷିକ ସମ୍ମିଳନୀ

କଟକ,୪।୨(ସମିସ): କଟକରେ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଏକାଉଣ୍ଟସ୍ ଅଫ ଇଣ୍ଡିଆର ସିଆଇକେ ଚାପ୍ଟର ତରଫରୁ ଦଶମ ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲାର ବାଣିଜ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ଅଂଶଗ୍ରହଣ କରି ବାଣିଜ୍ୟ ପାଠ୍ୟକ୍ରମ କିଭଳି ଛାତ୍ରଛାତ୍ରୀଙ୍କ ମଧ୍ୟମରେ ଆଦୃତ ହେବ ସେ ନେଇ ଆଲୋଚନା କରିଥିଲେ। ଏଥିରେ ଏସବିଏମ୍ କୁଳପତି ରଞ୍ଜନକୁମାର ବଳ, ଆଇସିଏଆଇ, ସିଜେକେ ଚାପ୍ଟରର ଅଧ୍ୟକ୍ଷ ମିହିର୍ କୁମାର ମହାପାତ୍ର, ଆଇସିଏଇ, ସିଜେକେର ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ ଲଳିତକୁମାର ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥି ସହିତ ବଜେଟ-୨୦୨୪ ର ଭାରତୀୟ ଅର୍ଥନୀତି ଉପରେ ପ୍ରଭାବ ସମ୍ପର୍କ ରେ ସଦସ୍ୟମାନେ ଆଲୋଚନା କରିଥିଲେ।

## ଡାକ୍ତରଙ୍କ ନାଁରେ ଅଭିଯୋଗ

କଟକ, ୪।୨(ସମିସ): ଏସ୍‌ସିବି ମେଡିକାଲ ଟ୍ରମା କାଜୁଆଲ୍‌ଟିରେ ଆଜି ଜଣେ ରୋଗୀଙ୍କୁ ଜନୈକ ଡାକ୍ତର ଘରୋଇ ନର୍ସିଂହୋମକୁ ଯିବାକୁ କହିବା ସହିତ ୫୦ହଜାର ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱର ସାମନ୍ତରାପୁରରୁ ଜଣେ ଶ୍ରମିକଙ୍କ ଗୋଡ କଟିଯିବାରୁ ସେ ଏସ୍‌ସିବିକୁ ଚିକିତ୍ସା ପାଇଁ ଆସିଥିଲେ। ଟ୍ରମା କାଜୁଆଲଟିରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଏକ ଘରୋଇ ନର୍ସିଂହୋମ୍‌କୁ ଚିକିତ୍ସା ପାଇଁ ଯିବା ନିମନ୍ତେ ପ୍ରବର୍ତ୍ତାଇ ଥିଲେ। ଘରୋଇ ନର୍ସିଂହୋମ୍‌ରେ ଉନ୍ନତମାନର ଚିକିତ୍ସା ମିଳିବ ବୋଲି କହି ତାଙ୍କ ଠାରୁ ୫୦ହଜାର ଟଙ୍କା ମାଗିଥିଲେ। ରୋଗୀ ସମ୍ପର୍କୀୟ ସନ୍ତୋଷ ପାଢ଼ୀ ଏହି ଅଭିଯୋଗ ବିଭିନ୍ନ ଗଣମାଧ୍ୟମରେ କରିଛନ୍ତି। ଏ ସମ୍ପର୍କରେ ଏସ୍‌ସିବି କୁଳସଚିବ ଅବିନାଶ ରାଉତଙ୍କ ସହିତ ଯୋଗଯୋଗ କରାଯାଇଥିବା ବେଳେ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### କଟକ ଯୁପିଡିରେ ହୃଦୟ ଯୋଡୁଛି 'ମାଧ୍ୟମ'

# ହସିଲାଣି ୧୩୮୯ଟି ସଂସାର

"ରୌପ୍ୟନଗରୀରେ ଦିନକୁ ଦିନ ମହିଳାଙ୍କ ପ୍ରତି ବଢ଼ି ଚାଲିଛି ଘରୋଇ ହିଂସା, ପ୍ରତାରଣା, ଯୌନ ନିର୍ଯାତନା ଓ ସାଇବରଜନିତ ଅପରାଧ। କେଉଁଠି କ୍ଷଣିକରେ ବିବାହ ବିଚ୍ଛେଦ ହେଉଛି ତ କେଉଁଠି ଯୌତୁକ ନିର୍ଯାତନାରେ ଆତ୍ମହତ୍ୟା କରୁଛି ନବବଧୂ। ତେବେ କଟକ 'କମିସନରେଟ୍ ପୁଲିସ' ଓ ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ' ଜରିଆରେ ଏ ସମସ୍ତ ଘରୋଇ ହିଂସାକୁ ରୋକାଯାଇ ପାରୁଛି। ଭାଙ୍ଗି ଯାଉଥିବା ପରିବାରକୁ ଯୋଡ଼ି ହେଉଛି। ୨୦୧୪ ମସିହାରେ ଆଇଏସ୍‌ଡି ଓ କମିସନରେଟ୍ ପୁଲିସ ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ମାଧ୍ୟମ ୧୦ବର୍ଷରେ ପଦାର୍ପଣ କରିଛି। କଟକ-ଭୁବନେଶ୍ୱର ଯୁପିଡିରେ 'ମାଧ୍ୟମ'ରେ ୩୯୭୪ଟି ମାମଲା ପାଞ୍ଜିକୃତ ହୋଇଥିବା ବେଳେ ୨୪୯୪ଟି ମାମଲାର ସମାଧାନ ହୋଇ ପାରିଛି। କଟକ ଯୁପିଡିରେ ୧୩୮୯ଟି ଭାଙ୍ଗିଯାଇଥିବା ସଂସାର ପୁଣି ଥରେ ହସି ଉଠିଛି..."

କଟକ, ୪।୨(ସମିସ): ଭିନ୍ନ ଏକ ପରିକଳ୍ପନାକୁ ନେଇ 'ମାଧ୍ୟମ'ର ସୃଷ୍ଟି। ବିଭିନ୍ନ ପ୍ରକାର ଘରୋଇ ହିଂସା ଓ ଦାମ୍ପତ୍ୟ କଳହକୁ ସମାଧାନ କରି ପାରିବାରିକ ଓ ଦାମ୍ପତ୍ୟ ସମ୍ପର୍କକୁ ଯୋଡ଼ି ରଖିବାରେ 'ମାଧ୍ୟମ' ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି। ଏଭଳି ଏକ ପରିକଳ୍ପନାକୁ ଦୃଷ୍ଟିରେ ରଖି ୨୦୧୪ମସିହା ସେପ୍ଟେମ୍ବର ମାସ ୩ ତାରିଖରୁ କମିଶନରେଟ୍ ପୁଲିସ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭଲପମେଣ୍ଟର ମିଳିତ ପ୍ରଚେଷ୍ଟାରେ ଏହି ମହିଳା ସହଯୋଗ କେନ୍ଦ୍ର ମାଧ୍ୟମ କାର୍ଯ୍ୟ କରି ଆସୁଛି। ବିଭିନ୍ନ ସମସ୍ୟା ସତ୍ତ୍ୱେ କମିସନରେଟ୍ ପୁଲିସରେ ଏହି ମାଧ୍ୟମ ତା'ର ଉପସ୍ଥିତି ଓ ନିରନ୍ତର ସେବା ବଜାୟ ରଖି ୧୦ବର୍ଷ ପୂରଣ କରିଛି। ସମୟକ୍ରମେ ଏହା କଟକବାସୀଙ୍କ ଆସ୍ଥା ଭାଜନ ହୋଇ ପାରିଛି। କମିସନରେଟ୍ ପୁଲିସର ପ୍ରାକ୍ତନ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ୍ ସିଂ, ପ୍ରାକ୍ତନ କଟକ ଡିସିପି ପିନାକ୍ ମିଶ୍ରଙ୍କ ସହଯୋଗରେ 'ମାଧ୍ୟମ' ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ଏବେକାର ଡିସିପି ଡଃ କନ୍‌ୱର୍ ବିଶାଲ୍ ସିଂହ 'ମାଧ୍ୟମ' ଉପରେ ଗୁରୁତ୍ୱ ଦେଉଥିବା ବେଳେ ଆଗାମୀ ଦିନରେ କେଉଁ ଭଳି ମହିଳାମାନେ ଯଥାଶୀଘ୍ର ନ୍ୟାୟ ପାଇପାରିବେ, ତାହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ଜଣାପଡ଼ିଛି।




**ବଢୁଛି ଘରୋଇ ହିଂସା, ପ୍ରତାରଣା**

- ଯୌନ ନିର୍ଯାତନା ଓ ସାଇବର କ୍ରାଇମ୍
- ସମୁଦାୟ ୨୫୪୮ଟି ହୋଇଥିଲା ପଞ୍ଜୀକରଣ
- ୨୦୯୧ଟିର ହେଲା କାଉନ୍‌ସେଲିଂ
- ୧୦ବର୍ଷରେ ପହଞ୍ଚିଲା ପୁଲିସ ଓ ମାଧ୍ୟମର ପ୍ରୟାସ

ପୁଲିସ ସୂଚନା ଅନୁସାରେ, ୨୦୧୪ ମସିହାରେ କଟକ ସହରରେ ୧୦୫ଟି ପରିବାର 'ମାଧ୍ୟମ'ରେ ଅଭିଯୋଗ ଆଣିଥିଲେ। ତନ୍ମଧ୍ୟରୁ ୮୦ଟି ପଞ୍ଜିକୃତ ହୋଇଥିଲା। ୪୮ଟି ସଂସାର ପୁଣି ଥରେ ଯୋଡ଼ି ହୋଇଥିଲା। ୨୦୧୫ରେ ୨୬୩, ୨୦୧୬ରେ ୩୧୪ଟି, ୨୦୧୭ରେ ୩୪୭ଟି, ୨୦୧୮ରେ ୩୨୯ଟି, ୨୦୧୯ରେ ୨୫୯ଟି, ୨୦୨୦ରେ ୨୫୫ଟି, ୨୦୨୧ରେ ୧୬୧ଟି, ୨୦୨୨ରେ ୨୬୦ଟି ଏବଂ ୨୦୨୩ରେ ୨୫୫ଟି ମାମଲା ପଞ୍ଜିକୃତ ହୋଇଥିଲା। ମୋଟ୍ ୨ହଜାର ୫୪୮ଟି ମାମଲା ପୁଲିସ ସହଯୋଗରେ ମାଧ୍ୟମକୁ ଆସିଥିଲା। ତନ୍ମଧ୍ୟରୁ ୨ହଜାର ୯୧ଟି ପରିବାରକୁ ଡକାଯାଇ କାଉନ୍‌ସେଲିଂ କରାଯାଇଥିବା ବେଳେ ୧ହଜାର ୩୮୯ଟି ମାମଲାର ସମାଧାନ ହୋଇ ପାରିଥିଲା। 'ମାଧ୍ୟମ'ର ସୂଚନା ଅନୁସାରେ ୧ହଜାର ୩୮୯ଟି ସଂସାର ଏବେ ସୁଖରେ ରହିଛନ୍ତି। ଉଭୟ ପତି ଓ ପତ୍ନୀଙ୍କ ମଧ୍ୟରେ ଲାଗି ରହିଥିବା ମନାନ୍ତର ଓ ମତାନ୍ତର ଆଉ ନାହିଁ। ଅନ୍ୟପଟେ କଟକ ସହରରେ ଗତ ୨୦୨୩ ମସିହାରେ ୨୦୦ଟି ଘରୋଇ ହିଂସା ମାମଲା, ୯ଟି ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା, ୨ଟି ଯୌନ ଉତ୍ପୀଡନ ଏବଂ ଗୋଟିଏ ସାଇବର ମାମଲା ପଞ୍ଜିକୃତ ହୋଇଥିଲା। ଘରୋଇ ହିଂସା ଗତ ୨୦୧୮ ମସିହାରୁ ବଢ଼ି ବଢ଼ି ଚାଲିଛି।

ପୁଲିସ ରିପୋର୍ଟ ଅନୁସାରେ ମାଧ୍ୟମରେ ୨୦୧୮ ମସିହାରେ ୨୭୪ଟି ଘରୋଇ ହିଂସା ମାମଲା 'ମାଧ୍ୟମ'ରେ ପଞ୍ଜିକୃତ ହୋଇଥିଲା ବୋଲି କାଉନସିଲର୍ ରୋଜାଲିନ୍ ସାହୁ ସୂଚନା ଦେଇଛନ୍ତି। ଏହା ପର ଠାରୁ ଏହି ସଂଖ୍ୟା କମୁନାହିଁ। 'ମାଧ୍ୟମ'ର ହସ୍ତକ୍ଷେପ ପରେ ଏସବୁ ସ୍ଥିତିରେ ପରିବର୍ତ୍ତନ ଆସୁଥିବା ଦେଖିବାକୁ ମିଳୁଛି। କଟକ ଯୁପିଡିରେ ସର୍ବାଧିକ ମହିଳା ଥାନାରୁ ୧ହଜାର ୮୪୪ଟି ମାମଲା ମାଧ୍ୟମକୁ ଯାଇଥିବା ବେଳେ କ୍ୟାଣ୍ଟନମେଣ୍ଟ ଥାନାରୁ ଆଦୌ କୌଣସି ମାମଲା 'ମାଧ୍ୟମ'କୁ ଯାଇ ନାହିଁ।

## ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପାଇବେ 'ଉତ୍କଳଭାରତୀ କୁନ୍ତଳାକୁମାରୀ ସମ୍ମାନ'



କଟକ, ୪।୨(ସମିସ): ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପାଇବେ 'ଉତ୍କଳଭାରତୀ କୁନ୍ତଳାକୁମାରୀ ସମ୍ମାନ'। ଖ୍ୟାତନାମା ସାରସ୍ୱତ ସାଧିକା ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଚଳିତବର୍ଷର ମର୍ଯ୍ୟାଦାଜନକ 'ଉତ୍କଳ ଭାରତୀ କୁନ୍ତଳାକୁମାରୀ ସମ୍ମାନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଗାମୀ ୮ ତାରିଖ ଗୁରୁବାର ସନ୍ଧ୍ୟା ୬ ଟାରେ କଟକ ବିଜୁପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ଉତ୍କଳଭାରତୀ କୁନ୍ତଳାକୁମାରୀ ସାବତ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏକ ସାରସ୍ୱତ ସମାରୋହରେ ପ୍ରଫେସର ବେଶ୍ରାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯିବ ବୋଲି ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି। ଚିକିତ୍ସାବିତ ପ୍ରଫେସର ଡା. ହେମଲତା ସ୍ୱାଇଁ, ପ୍ରଫେସର ଡା. ପ୍ରତାପ କୁମାର ପାଣି, ପ୍ରଫେସର ଡା ସନ୍ଧ୍ୟାରାଣୀ ମହାରଣା, ଡା. ସଂଘମିତ୍ରା ଦାଶ, ପ୍ରଫେସର ଡା. ସୁହାସିନୀ ଦେହୁରି, ପ୍ରଫେସର ଡା.ଗିରିଜାନନ୍ଦନ ମହାପାତ୍ର ଏବଂ ପ୍ରଫେସର ଡା.ବିଶ୍ୱଜିତ ଦାସଙ୍କୁ ସମ୍ମାନଜନକ 'ଉତ୍କଳଭାରତୀ କୁନ୍ତଳା କୁମାରୀ ଚିକିତ୍ସା ବିଜ୍ଞାନ ସମ୍ମାନ' ପ୍ରଦାନ କରାଯିବ।

ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ସାମ୍ପ୍ରତିକ ଓଡିଆ ସାହିତ୍ୟ ଜଗତରେ ଜଣେ ଖ୍ୟାତନାମା କବୀ, ଗାଳ୍ପିକା, ଔପନ୍ୟାସିକା, ପ୍ରାବନ୍ଧିକା, ସମାଲୋଚିକା, ଅନୁବାଦିକା ତଥା ଜୀବନୀକାର ଭାବରେ ସୁପରିଚିତ। ତାଙ୍କ କୃତୀ ମଧ୍ୟରେ ରଘୁନାଥ ମୁର୍ମୁଙ୍କ ଜୀବନୀ, ଦାମୋଦର ଧାରେ ଧାରେ, ସମାଜ ଓ ସଂସ୍କୃତି ପୃଷ୍ଠପଟରେ ମୟୂରଭଞ୍ଜର ସାନ୍ତାଳ, ସହଜ ସାନ୍ତାଳି ଶିକ୍ଷା, ଓଡିଆ ଭାଷାତତ୍ତ୍ୱ, ଆଦିବାସୀ ସମାଜ ଓ ସଂସ୍କୃତି, ଗଦ୍ୟ ଭାଷାର ବିବର୍ତ୍ତନ ଓ ସମାଲୋଚନା ଆଦି ୯ ଖଣ୍ଡ ଓଡିଆ ପୁସ୍ତକ, ସାନ୍ତାଳି ଭାଷାରେ ଲିଖିତ ୨୫ ଖଣ୍ଡ ପୁସ୍ତକ ଏବଂ ୧୦ଟି ଅନୁଦିତ ପୁସ୍ତକ ଉଲ୍ଲେଖନୀୟ।

## ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା




କଟକ, ୪।୨(ସମିସ): କଟକ ସଦର ବ୍ଲକ ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନା ଓ ଜନହିତକର କାର୍ଯ୍ୟ ସମ୍ପର୍କରେ ସଚେତନତା କରାଯାଇଛି। ପାରମ୍ପରିକ ପାଲା, ଦାସକାଠିଆ ଓ ଲୋକ କଳା ମାଧ୍ୟମରେ ଗାଁ ଗାଁ ବୁଲି ଏଭଳି ସଚେତନତା କରାଯାଉଛି। ଏହିକ୍ରମରେ କନ୍ଦରପୁର ପଞ୍ଚାୟତର କନ୍ଦରପୁର ଗ୍ରାମର ଗ୍ରାମଦେବତୀ ମା' କୁଲେଇଶୁଣୀ ମନ୍ଦିର ନିକଟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମ ପରିବେଷଣ କରୁଥିବା ଦଳକୁ କନ୍ଦରପୁର ପଞ୍ଚାୟତର ସମିତି ସଭ୍ୟ ସାରଦା ପ୍ରସନ୍ନ ସ୍ୱାଇଁ, ଯୁବନେତା କାଳନ୍ଦୀ ଚରଣ ସ୍ୱାଇଁ, ଏମ୍‌ବିକେ ସସ୍ମିତା ହାତୀ, ବ୍ୟାଙ୍କ ମିତ୍ର ଶୈଳେନ୍ଦ୍ରି ସ୍ୱାଇଁ, ସିଆର୍‌ପି ରଶ୍ମିତା ସ୍ୱାଇଁ, ଉଲ୍ଲାସ ହାତୀ, ଜୟନ୍ତୀ ମଲ୍ଲିକ, ଲିଲି ସ୍ୱାଇଁ, ଗୀତାଞ୍ଜଳି ଓଝାଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ମଧୁବାବୁଙ୍କ ଶ୍ରାଦ୍ଧଦିବସ




କଟକ, ୪।୨(ସମିସ): ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସଂଘର କର୍ମକର୍ତ୍ତାମାନେ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘର ସଭାପତି ବିଜୟକୁମାର ପଢ଼ିହାରୀ, ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗାପ୍ରସାଦ ଛାଟୋଇ ଓ ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧବାର୍ଷିକୀ



କଟକ, ୪।୨(ସମିସ): ଓଡିଆ ସ୍ୱାଭିମାନ, ଭାଷା, ଶିଳ୍ପ ବିକାଶ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରି ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଓଡ଼ିଶାର ପ୍ରଗତି ନିମନ୍ତେ ମଧୁବାବୁଙ୍କ ଅବଦାନକୁ ସ୍ମରଣ କରି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ରାଜ୍ୟ ପାଇଁ ମଧୁବାବୁ ଦେଖିଥିବା ସ୍ୱପ୍ନକୁ ସାକାର କରିବା ଦିଗରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ମଧୁବାବୁଙ୍କ ସମାଧିପୀଠର ଅଧିକ ସୌନ୍ଦର୍ଯ୍ୟକରଣ ତଥା ଏହାର ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପରେ ପରେ ଜିଲ୍ଲାପାଳ ନିକଟସ୍ଥ ମଧୁସୂଦନ ପାର୍କଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ଏବଂ କ୍ୟାଣ୍ଟନମେଣ୍ଟ ଛକରେ ଥବା ଉତ୍କଳ ଗୌରବଙ୍କ ପୂର୍ଣ୍ଣାବବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସେଠାରେ ମଧ ଆବଶ୍ୟକ ହେଉଥିବା ସୌନ୍ଦର୍ଯ୍ୟକରଣ ଏବଂ ଆଲୋକୀକରଣ ବ୍ୟବସ୍ଥା କରାଯିବା ପାଇଁ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ସଦର ଉପଜିଲ୍ଲାପାଳ ଶ୍ରୀ କମଳଜିତ୍ ଦାସ୍, ତହସିଲଦାର ସୁଜୟ କୁମାର ପତି, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ତଥା ମହାନଗର ନିଗମର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ଅବସରରେ କଟକ ମେୟର ସୁବାସ ଚନ୍ଦ୍ର ସିଂହ, ପୂର୍ବତନ ବିଧାୟକ ଶ୍ରୀ ଦେବାଶିଷ ସାମନ୍ତରାୟ, ଓଡ଼ିଶା ନିରାମୟ ଉପଦେଷ୍ଟା, ଡଃ ରଞ୍ଜନ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, କର୍ପୋରେଟର ବୃନ୍ଦ ଡାକ୍ତର ରବି ରଞ୍ଜନ ସାହୁ, କମରୁଲ ହୁସେନ, ସାହିତ୍ୟିକ ପ୍ରଫେସର ନଟବର ଶତପଥୀ, ଡ଼ଃ ସତ୍ୟ ରାୟ, ସାହିତ୍ୟିକ ସଞ୍ଜିତ ପଟ୍ଟନାୟକ, ଆଇନଜୀବୀ ପ୍ରଶାନ୍ତ ନାୟକ, ପୂର୍ବତନ କର୍ପୋରେଟ ରମଜାନ ଖାଁଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି, ଆଇନଜୀବୀ, ବୁଦ୍ଧିଜୀବୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମଧୁବାବୁଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି



କଟକ, ୪।୨(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁର୍ଣ୍ୟ ତିଥିରେ ମେୟର ସୁବାସ ସିଂ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଗୋରାକବର ସ୍ଥିତ ମଧୁବାବୁଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଦେବାଶିଷ ସାମନ୍ତରାୟ, ସିଏମ୍‌ସି ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିଶା ଦାସ, କର୍ପୋରେଟର ଲକ୍ଷ୍ମୀ ପ୍ରିୟା ବେହେରା, ପ୍ରିୟମ୍ବଦା ସ୍ୱାଇଁ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ସିଏମ୍‌ସି ଅତିରିକ୍ତ ଆଯୁକ୍ତ ସୋନା ଟୁଡୁ, ଉପ ଆଯୁକ୍ତ ଶ୍ୱେତା ପଦ୍ମା ଶତପଥି, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ ବିନୋଦ ପଣ୍ଡା, କାଳୀଚରଣ ପାଣିଗ୍ରାହୀ, ଆଶିଷ ବରାଳ, ସ୍ଥାନୀୟ ସ୍କୁଲ ଛାତ୍ର ଛାତ୍ରୀ, ସ୍ଥାନୀୟ ଲୋକ, ମଧୁ ପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବରରେ ବିଶ୍ୱ ପ୍ରଥମ ଓଡ଼ିଆ ଭାଷା ସମିଳନୀ-୨୦୨୪ ଉପଲକ୍ଷେ ଅସ୍ମିତା ରଥ ଉନ୍ମୋଚନ ମେୟର କରିଥିଲେ।

### ଭଟିମୁଣ୍ଡାରେ ମହିଳା ସମାବେଶ ଓ ପରିବାର ସମ୍ପର୍କ ଅଭିଯାନ

# ବିଜେଡିରେ ମିଶିଲେ ଶତାଧିକ କର୍ମୀ

**ଟାଙ୍ଗୀ, ୪।୨(ସମିସ)**

ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ସାରଙ୍ଗା ରାମେଶ୍ୱର ପଡ଼ିଆରେ ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘ ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ମହାସଂଘର ସଭାନେତ୍ରୀ ନିବେଦିତା ସାହୁ ପୌରୋହିତ୍ୟ କରିଥିଲେ। ସମାବେଶରେ ମୁଖ୍ୟଅତିଥି ଭାବେ ସମାଜସେବୀ ହିମାଂଶୁ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ରଟିଲୋ। ପୂର୍ବତନ ସରପଞ୍ଚ ଧ୍ରୁବଚରଣ ମହାନ୍ତି, ଆଇନଜୀବୀ ରାଜୀବ ଷଡ଼ଙ୍ଗୀ, କୋଟସାହି ପୂର୍ବତନ ସରପଞ୍ଚ ନିହାର ରଞ୍ଜନ ମଲ୍ଲିକ, ମାଗୁରା ପୂର୍ବତନ ସରପଞ୍ଚ ଅଶୋକ ବାଇ, ଶାଳଗାଁ ପୂର୍ବତନ ସରପଞ୍ଚ ବିଷ୍ଣୁ ଦାସ, ସମାଜସେବୀ ଦେବାଶିଷ ସ୍ୱାଇଁ ଓ ଦେବାଶିଷ ମଲ୍ଲିକ ପ୍ରମୁଖ ଯୋଗଦାନ କରି ଓଡ଼ିଶା ସରକାରଙ୍କ ମହିଳାଙ୍କ ନିମନ୍ତେ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଦଳର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରାଜ୍ୟସ୍ତରୀୟ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଦେବାସହ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସଂଘର ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦାନ କରିଥିଲେ।



### ● ୟୁଏମ୍ଏସ୍ଏଲ ପରିବହନ ସଂସ୍ଥା ଅଧିକାରୀଙ୍କ ଉଦ୍ୟମ

# ନିଶା ପରିତ୍ୟାଗକଲେ ଶତାଧିକ କର୍ମଚାରୀ

**ଚୌଦ୍ୱାର, ୪।୨(ସମିସ) :** ଚୌଦ୍ୱାରରେ ଥିବା ୟୁଏମ୍ଏସ୍ଏଲ୍ ପରିବହନ ସଂସ୍ଥା ଅଧିକାରୀଙ୍କ ଉଦ୍ୟମକ୍ରମେ କମ୍ପାନୀରେ କାର୍ଯ୍ୟରତ ପ୍ରାୟ ୧୦୦ରୁ ଅଧିକ ଡ୍ରାଇଭର ଓ ହେଲପର ନିଶାଦ୍ରବ୍ୟ ପରିତ୍ୟାଗ କରିଥିବା ଜଣାପଡ଼ିଛି। ତାଙ୍କର ଏଭଳି ଉଦ୍ୟମକୁ କର୍ମଚାରୀଙ୍କ ପରିବାର ତଥା ସ୍ଥାନୀୟ ଲୋକେ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ କମ୍ପାନୀର ମୁଖ୍ୟ ପରିଚାଳକ ଭାଗବତ ସାହୁ ଏହି ଡ୍ରାଇଭର ଓ ହେଲପରଙ୍କ ଉଦ୍ଦେଶ୍ୟରେ ଏକମାସ ତଳୁ ଏକ ନିଶାମୁକ୍ତି ଅଭିଯାନ ଆରମ୍ଭ କରିଥିଲେ। ଶ୍ରୀ ସାହୁ ନିଜର କର୍ମମୟ ଜୀବନରୁ କିଛି ସମୟ ବାହାର କରି ବିଭିନ୍ନ କର୍ମଚାରୀଙ୍କୁ ଏକାଠି କରି ନିଶା ସେବନ ଦ୍ୱାରା କିପରି ଆର୍ଥିକ, ପାରିବାରିକ ଓ ଶାରୀରିକ କ୍ଷତି ହୁଏ ଏବଂ ନିଜ ନିଜର ସାମାଜିକ ପରିଚୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ସେ ବିଷୟରେ ବୁଝାଇଥିଲେ। କର୍ମଚାରୀଙ୍କ ଭିତରେ ଏକ ହ୍ୱାଟସ୍ଆପ୍ ଗ୍ରୁପ କରି ବିଭିନ୍ନ ନିଶା ବିରୋଧୀ ଗୀତ ନିଜେ ଲେଖି ପଠାଉଥିଲେ ଏବଂ ନିଶା ସେବନ କରି କଷ୍ଟ ପାଉଥିବା ବ୍ୟକ୍ତିମାନଙ୍କର ଫଟୋ ମଧ ପୋଷ୍ଟ କରୁଥିଲେ। ତାଙ୍କର ଏହି ପ୍ରଚେଷ୍ଟାରେ କମ୍ପାନୀର ସମସ୍ତ ଡ୍ରାଇଭର ଓ ହେଲପର୍‌ମାନେ ନିଶା ତ୍ୟାଗ କରିଛନ୍ତି ବୋଲି କମ୍ପାନୀ ପରିସରରେ ବସିଥିବା ଏକ ବୈଠକରେ ପ୍ରକାଶ କରିଥିଲେ। ଶ୍ରୀ ସାହୁଙ୍କର ଏଭଳି ଅନନ୍ୟ ପ୍ରଚେଷ୍ଟା ପାଇଁ କର୍ମଚାରୀମାନଙ୍କ ପରିବାର ଲୋକେ ସାଧୁବାଦ ଜଣାଇବା ସହିତ ଚୌଦ୍ୱାରରେ ମଧ ବେଶ୍ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ନିଜର ଏଇ ସଫଳତା ପାଇଁ ଶ୍ରୀ ସାହୁ ଆତ୍ମସନ୍ତୋଷ ଲାଭ କରିବା ସହିତ ଆଗାମୀ ଦିନରେ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ ରଖିବେ ବୋଲି ପ୍ରକାଶ କରିଛନ୍ତି।



# ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମ୍ ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି, ୪।୨(ସମିସ):** କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ସନ୍ନିକଟ ଚିତ୍ରୋତ୍ପଳା ନଦୀ ତଟରେ ଥିବା ଗୋଖରା ପଡ଼ିଆରେ ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମର ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନୃସିଂହଚରଣ ମୁଦୁଲିଙ୍କ ନେତୃତ୍ୱରେ ଜନାର୍ଦ୍ଦନପୁର ଶନିବଜାରରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ତଥା ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଆସି ଏହି ଷ୍ଟାଡିୟମକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଶ୍ରୀ ବେହେରା ଯୋଗ ଦେଇ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ପ୍ରୟାସ ଏଠାରେ ବାସ୍ତବ ରୂପ ନେଇଛି ବୋଲି କହିଥିଲେ। ଏହି ଷ୍ଟାଡିୟମରେ ଗ୍ରାମାଞ୍ଚଳରୁ ବହୁ ପ୍ରତିଭାବାନ୍ ଖେଳାଳି ବାହାରି ରାଜ୍ୟ ତଥା ଦେଶରେ ଶ୍ରେଷ୍ଠ ଖେଳାଳି ରୂପେ ନିଜକୁ ପରିଚିତ କରିପାରିବେ ବୋଲି ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ବିଳାସ ଭୋଇ, ସରପଞ୍ଚ ସସ୍ମିତା ମହାନ୍ତି, ସରପଞ୍ଚ ସ୍ୱାଧୀନ ଭୂୟାଁ, ପୂର୍ବତନ ସରପଞ୍ଚ ସରୋଜ ବେହେରା, ସରପଞ୍ଚ ଅନନ୍ତ କର, ରମାକାନ୍ତ ବେହେରା, ସୁଶାନ୍ତ ସେଠୀ, ସେକ୍ ରୁସ୍ତମ, ବିଜେଡି ନେତା ରମେଶଚନ୍ଦ୍ର ସ୍ୱାଇଁ, ବଳଦେବାନନ୍ଦ ଦାସ, ହିମାଂଶୁଶେଖର ଦାସ, ଗୋବିନ୍ଦ ଦାସ, ଗୋପୀନାଥ ପଲେଇ, ସୁନାକର ସାହୁ, ନାରୀ ନେତ୍ରୀ ନନ୍ଦିନୀ ନାୟକ, ସଂଯୁକ୍ତା ଭୂୟାଁ, ପଦ୍ମାବତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଯୁବନେତା ନୃସିଂହଚରଣ ମୁଦୁଲି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



### ● ଭେଟେରାନ୍ କ୍ରିକେଟ ପ୍ରତିଯୋଗିତା

# ନିଶ୍ଚିନ୍ତକୋଇଲିକୁ ହରାଇ କଟକ ସଦର ବିଜୟୀ

**ନିଶ୍ଚିନ୍ତକୋଇଲି, ୪।୨(ସମିସ):** ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମ୍‌ର ଉଦ୍‌ଘାଟନ ଉତ୍ସବରେ ପ୍ରଥମେ ନିଶ୍ଚିନ୍ତକୋଇଲି ଓ କଟକ ସଦର ଅଞ୍ଚଳର ଖେଳାଳିମାନଙ୍କୁ ନେଇ ଏକ ଭେଟେରାନ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ନିଶ୍ଚିନ୍ତକୋଇଲିକୁ ହରାଇ କଟକ ସଦର ବିଜୟ ଲାଭ କରିଛି। ନିଶ୍ଚିନ୍ତକୋଇଲିର ଫ୍ଲାଇଙ୍ଗ୍ ଇଗଲସ୍ ପ୍ରଥମେ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ୱିକେଟ୍ ହରାଇ ୧୦୧ ରନ୍ କରିଥିଲା। ଜବାବରେ କଟକ ସଦରର ୟୁନାଇଟେଡ୍ ଚାର୍ଜସ୍ ବ୍ୟାଟିଂ କରି ୬.୨ ଓଭରରେ କୌଣସି ୱିକେଟ୍ ନହରାଇ ୧୦୨ ରନ୍ କରି ବିଜୟ ହୋଇଥିଲା। ଏଥିରେ ପ୍ରମୋଦ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲାବେଳେ ଉତ୍ତମ ବ୍ୟାଟସ୍‌ମ୍ୟାନ ଭାବେ ମିଳନ ଭୂୟାଁ, ଉତ୍ତମ ବୋଲର ଭାବେ ମିହିର ପତିଙ୍କୁ ପୁରସ୍କୃତ କରାଯାଇଥିଲା। ଦେବପ୍ରସାଦ ମହାପାତ୍ର, ଶୈଳେନ୍ଦୁ ଦେ ଓ ସେକ୍ ରଫି ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ବିଧାୟକ ଚନ୍ଦ୍ରସାରଥୀ ବେହେରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କଟକ ସଦର ବିଜେଡି ବ୍ଲକ ସଭାପତି ପ୍ରମୋଦ ମହାପାତ୍ର, ସମରରଞ୍ଜନ ବେହେରା, ସତ୍ୟସିଦ୍ଧାର୍ଥ ଦାସ, ହିମାଂଶୁ ଦାସ, ବିଭୂତିଭୂଷଣ ପରିଡ଼ା, ଅମୀୟ ପ୍ରସାଦ ମହାନ୍ତି, ଗୋବିନ୍ଦ ଦାସ, ବିନୟ କୁମାର ଦାସ, ଦିବାକର ସାହୁ, ବିଷ୍ଣୁଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।



# ବାସନ୍ତୀ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ



**ମାହାଙ୍ଗା, ୪।୨(ସମିସ):** ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତସ୍ଥିତ ମାଣିତ୍ରୀଠାରେ ପ୍ରତିଷ୍ଠିତ ବାସନ୍ତୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଭରତ କୁମାର ଶତପଥୀଙ୍କ ସଂଯୋଜନା ଓ ପ୍ରଧାନ ଆଚାର୍ଯ୍ୟ ଭାବଗ୍ରାହୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଶିକ୍ଷାବିତ୍ ଇନ୍ଦ୍ରମଣି ସାମଲ ଯୋଗଦେଇ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରି କ୍ରୀଡ଼ାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ କ୍ରୀଡ଼ାରେ ଭାଗ ନେବା ଉଚିତ ବୋଲି କହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତାଭାବେ ଏସ୍ଆଇ ରାକେଶ କୁମାର ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ଆଇନଜୀବୀ ସନ୍ତୋଷ କୁମାର ମହାନ୍ତି, ସରପଞ୍ଚ ବଳରାମ ବେହେରା, ସମିତିସଭ୍ୟ ଧ୍ରୁବଚରଣ ସାମଲ, ଏଏସ୍ଆଇ ଭୀଷ୍ମ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ ଅତିଥି ପରିଚୟ, ସମାଜସେବୀ ଶରତ କୁମାର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମୀନାକ୍ଷୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲିଲି ଦାଶ, ମୋନାଲିସା ପରିଡ଼ା, ଇନ୍ଦୁମତୀ ପରିଡ଼ା, ଚିନ୍ତାମଣି ଜେନା, ସୀତାନାଥ ପରିଡ଼ା, ଗାୟତ୍ରୀ ଶତପଥୀଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁଲିସ, ଆଇନଜୀବୀ ଓ ଶିକ୍ଷାବିତ୍‌ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ ସମସ୍ତ ଆମନ୍ତ୍ରିତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ● ଗାନ୍ଧୀ ସ୍ମୃତି ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ଫୁଲନଖରା, ୪।୨(ସମିସ):** କଟକ ମହାନଗର ନିଗମ ୫୯ ନଂ ୱାର୍ଡ ତେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତି ପୀଠରେ ୪ଦିନ ଧରି ଚାଲିଥିବା 'ଗାନ୍ଧୀ ସ୍ମୃତି ପଲ୍ଲୀଶ୍ରୀ ମେଳା' ଉଦ୍‌ଯାପିତ ହୋଇଯାଇଛି। କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରାଙ୍କ ତତ୍ତ୍ୱାବଧାନରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଏବଂ ଜାତୀୟ ସହିଦ ଦିବସ ଉପଲକ୍ଷେ ଜାନୁଆରୀ ୩୧ରୁ ଆରମ୍ଭ ହୋଇଥିବା ଏହି ପଲ୍ଲିଶ୍ରୀମେଳାରେ ମିଶନଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ଆଶାଜନକ ବ୍ୟବସାୟ ହୋଇଥିଲା। ମେଳାର ଶେଷ ଦିନରେ ଜନଗହଳି ପରିଲକ୍ଷିତ ହୋଇଥିଲା। ଛୋଟରୁ ବଡ଼ ପର୍ଯ୍ୟନ୍ତ ଚଟପଟି ଖାଦ୍ୟର ମଜା ନେବା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଭରପୁର ଆନନ୍ଦ ଉଠାଇଥିଲେ। ଗାନ୍ଧୀ ସ୍ମୃତି ସଂସଦର ସଦସ୍ୟ ପ୍ରମୋଦ କୁମାର ମହାପାତ୍ର, ବରିଷ୍ଠ ସଦସ୍ୟ ପୀତବାସ ମହାପାତ୍ର, ୫୯ନମ୍ବର ବିଜେଡି ସଭାପତି ଜ୍ଞାନରଞ୍ଜନ ସାହୁ, ଉରାଳୀ ସରପଞ୍ଚ ଇଂ ଅଭିଷେକ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦର ବିଧାୟକଙ୍କ ଉଦ୍ୟମରେ ଦୀର୍ଘ ବର୍ଷ ବନ୍ଦ ହୋଇଯାଇଥିବା କାର୍ଯ୍ୟକ୍ରମ ଗତବର୍ଷ ଠାରୁ ପୁନଃ ଆରମ୍ଭ ହୋଇଥିବାରୁ ନୂଆଗଡ଼ ଗ୍ରାମ୍ୟ କମିଟିର ସଭାପତି ବିକ୍ରମ କେଶରୀ ଶତପଥୀଙ୍କ ସମେତ କମିଟିର ସଦସ୍ୟମାନେ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜାତୀୟ ରାଜପଥଠାରୁ ପୀଠର ସଂଯୋଗୀ ରାସ୍ତାରେ ଜନସାଧାରଣ ସୁବିଧାରେ ଯାତାୟତ ପାଇଁ ସଦର ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।



### ● ଜନ୍ମପୀଠରେ ମଧୁବାବୁଙ୍କ ଶ୍ରାଦ୍ଧୋତ୍ସବ

# 'ମଧୁବାବୁଙ୍କ ଅବଦାନ ରାଜ୍ୟପାଇଁ ଅବିସ୍ମରଣୀୟ'



**ସାଲେପୁର, ୪।୨(ସମିସ):** ଉତ୍କଳ ଗୌରବ ମଧୁବାବୁଙ୍କ ୯୦ତମ ଶ୍ରାଦ୍ଧ ଉତ୍ସବ ତାଙ୍କର ଜନ୍ମପୀଠ ସାଲେପୁର ବ୍ଲକ ସତ୍ୟଭାମାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ମଧୁବାବୁଙ୍କ ପୀଠରେ ସ୍ଥାନୀୟ କସ୍ତୁରବା ଗାନ୍ଧୀ ସ୍ମାରକନିଧି ଟ୍ରଷ୍ଟ ପକ୍ଷରୁ ସନ୍ଧ୍ୟାରାଣୀ ମଲ୍ଲିକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସକାଳ ୮ଟାରେରେ ମଧୁଜ୍ୟୋତି ଗଣଦୌଡ଼ ମଧୁବଜାର ଠାରୁ ପାଗାଛକ ଦେଇ ସତ୍ୟଭାମାପୁରରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ସାଲେପୁର ତହସିଲଦାର ଶିବ ମଲ୍ଲିକ, ସାଲେପୁର ବିଡିଓ ଖଗେଶ୍ୱର ପାତ୍ର, ସାଲେପୁର ଅତିରିକ୍ତ ବିଡିଓ ସୂର୍ଯ୍ୟକାନ୍ତ ରାଉତ ଯୋଗଦେଇଥିଲେ। ସେହିପରି ସକାଳ ଅଧିବେଶନରେ ମଧୁସ୍ମୃତି କମିଟିର ସଭାପତି ଇଂ. ଗୋପାଳକୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ସାହିତ୍ୟିକା ଡଃ ପ୍ରତିଭା ମହାରଥୀ ଯୋଗଦେଇ ମଧୁବାବୁଙ୍କର ଅବଦାନ ରାଜ୍ୟପାଇଁ ଅବିସ୍ମରଣୀୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଗାୟତ୍ରୀ ଦାଶ, ସନ୍ଧ୍ୟାରାଣୀ ମଲ୍ଲିକ, ବରିଷ୍ଠ ନାଗରିକ ବାସୁଦେବ ରାଉତ, ପୂର୍ବତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ରାଉତ, ସୁଜିତାଭ ଶତପଥୀ, ଅବତନ ଷଡ଼ଙ୍ଗୀ, ପୂର୍ବତନ ସରପଞ୍ଚ ଗୋଲଖ ଚନ୍ଦ୍ର ଦାଶ, ସୁରେନ୍ଦ୍ର ମହାରଣା, ବିଶ୍ୱରଞ୍ଜନ ସାହୁ, ପ୍ରଶାନ୍ତକୁମାର ଭୂୟାଁ, ରଞ୍ଜନ କୁମାର ସାମଲ, ନିରୂପମା ସାମଲ, ରାମଚନ୍ଦ୍ର ପାଣି, ଅଭିମନ୍ୟୁ ରାଉତ, ପରମାନନ୍ଦ ମୁଦୁଲି ପ୍ରମୁଖ ଉପସ୍ଥିତରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ପ୍ରକାଶ କୁମାର ତ୍ରିପାଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ବାସୁଦେବ ରାଉତ ଧନ୍ୟବାଦ ଦେଇଥିଲେ।

# ସାଲେପୁରରେ କିଶୋରୀ ମେଳା



**ସାଲେପୁର, ୪।୨(ସମିସ):** ସାଲେପୁର ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା(ଏମ୍ଏସ୍‌ପିୱାଇ) ଅଧୀନରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ସେକ୍ଟରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କିଶୋରୀ ଭାଗନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ହାସଲ କରିଥିବା କିଶୋରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସାଲେପୁର ଶିଶୁ ବିକାଶ ଯୋଜନା ଅଧିକାରିଣୀ ସୁଷମା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ କିଶୋରୀମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ସେକ୍ଟର ସୁପରଭାଇଜର ସ୍ୱାଗତିକା ବେହେରା, ସାଲେପୁର ବ୍ଲକ ପୋଷଣ ସଂଯୋଜକ ଶିବପ୍ରସାଦ ଭଟ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ସେକ୍ଟରର ସମସ୍ତ ଅଙ୍ଗନବାଡ଼ି କର୍ମୀ, ସହାୟିକା, ସିଆର୍‌ପି, ଏମ୍‌ବିକେମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୪।୨(ସମିସ)**

### ● ମଧୁପୁର ପଞ୍ଚାୟତ

ମାହାଙ୍ଗା ବ୍ଲକ ମଧୁପୁର ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା ଏଥିରେ ଯୋଗଦେଇ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିସହ ସରକାରଙ୍କ ସମସ୍ତ ଯୋଜନା କିପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ଆଲୋଚନା କରିଥିଲେ। ସମାଜସେବୀ ପ୍ରଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ସିଡିପିଓ ପ୍ରମୋଦିନୀ ଦାଶ, ଜିଲ୍ଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ସରପଞ୍ଚ ରବୀନ୍ଦ୍ର ବାଗ, ଦୀନବନ୍ଧୁ ସାହୁ, ମିହିର ପାତ୍ର, ନାରାୟଣ ବେହେରା, କମଳାକାନ୍ତ ରାଉତ, ସୁବାଷ ବାଗ, ପିଇଓ ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ଓ ବ୍ଲକର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବାବେଳେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ସଂଗୀତ, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ପଞ୍ଚାୟତର ମୁରବୀ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



### ● ଓରତି ଓ ଜମରା ପଞ୍ଚାୟତ

ନିଶ୍ଚିନ୍ତକୋଇଲି ବ୍ଲକ ଓରତି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପଞ୍ଚାୟତରେ ହୋଇଥିବା ବିକାଶ କାର୍ଯ୍ୟର ପୁସ୍ତିକା ବଣ୍ଟନ ଏବଂ ବିଜେଡି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତ ସଚେତନତା ଅନୁଷ୍ଠିତ ହୋଇଛି। ଜିଲ୍ଲାପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢଙ୍କ ସଂଯୋଜନା ଓ ସରପଞ୍ଚ ସରୋଜିନୀ ବେହେରାଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗ ଦେଇ ବିଜେଡିର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବିଡିଓ ଧର୍ମରଞ୍ଜନ ପଣ୍ଡା, ବ୍ଲକ କୃଷି ଅଧିକାରୀ ସିଦ୍ଧାର୍ଥସାରଥୀ ପରିଡ଼ା, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପ୍ରାକ୍ତନ ଅଧ୍ୟକ୍ଷ ଗିରିଶରଞ୍ଜନ ମହାପାତ୍ର, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ଅଭିରାମ ବିଶ୍ୱାଳ, ଯୁବନେତା ମନୋଜ ସେଠୀ, ନାଏବ ସରପଞ୍ଚ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ସେହିପରି ଜମରା ପଞ୍ଚାୟତରେ ସରପଞ୍ଚ ବନ୍ଦନାମୟୀ ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଯୁବନେତା ଆଶୁତୋଷ ତ୍ରିପାଠୀ, ସମିତିସଭ୍ୟା ମେନକା ବଳ, ପଞ୍ଚାୟତ ସଭାପତି ସୁଦାମ ବଳ, ଚନ୍ଦ୍ରମଣି ତ୍ରିପାଠୀ, ରତ୍ନାକର ସ୍ୱାଇଁ, ରାସବିହାରୀ ଦାସ, କୃଷ୍ଣଚନ୍ଦ୍ର କାମିଲା, ଜଗବନ୍ଧୁ ବେହୁରା, ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ।

### ● କଟିକଟା ଓ ସୁକରପଡ଼ା ପଞ୍ଚାୟତ

ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରକାରଙ୍କ ବିକାଶ କାର୍ଯ୍ୟର ପୁସ୍ତିକା ବଣ୍ଟନ ଏବଂ ବିଜେଡି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତ ସଚେତନତା କରାଯାଇଥିଲା। ସରପଞ୍ଚ ଚିତ୍ତରଞ୍ଜନ ମଲିକଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପ୍ରାକ୍ତନ ଅଧ୍ୟକ୍ଷ ଗିରିଶରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସାମ୍ବାଦିକ ମନୋରଞ୍ଜନ ଭୂୟାଁ, ରଘୁନାଥ ସିଂ, ପ୍ରତାପ ଶତପଥୀ, ସମିତିସଭ୍ୟ ଦିଲ୍ଲୀପ କାଣ୍ତି, ଶିକ୍ଷାବିତ୍ ଶରତଚନ୍ଦ୍ର ମହାନ୍ତି, ପିଇଓ ସୁଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ।





ସେହିପରି ସୁକରପଡ଼ା ପଞ୍ଚାୟତରେ ମନୋଜ କୁମାର ମଲିକଙ୍କ ସଭାପତିତ୍ୱରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପ୍ରାକ୍ତନ ଅଧ୍ୟକ୍ଷ ଗିରିଶରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲିକ, ଯୁବନେତା ମୃତ୍ୟୁଞ୍ଜୟ ସ୍ୱାଇଁ, ସେକ୍ କଲାମୁଦ୍ଦିନ୍ ଖାଁ, ପ୍ରଧାନଶିକ୍ଷକ ସୌଭାଗ୍ୟ ବରାଳ, ସମବାୟ ସମିତି ସଭାପତି ସେକ୍ ସଲାଉଦ୍ଦିନ୍, ମିର୍ଜା ଅବୁଲ ବେଗ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ରୀସୁବ୍ରୁଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ବାଙ୍କୀ, ୪।୨(ସମିସ): ଡମପଡ଼ା ବ୍ଲକ ବାଆଁରାର ପ୍ରସିଦ୍ଧ ଶୈବପୀଠ ଶ୍ରୀସୁବ୍ରୁଦ୍ଧେଶ୍ୱରଙ୍କ ପୀଠରେ ଗତ ୨୮ ତାରିଖ ଠାରୁ ଚାଲିଥିବା ପ୍ରତିଷ୍ଠା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସ୍ୱାମୀ ଅରୁପାନନ୍ଦଜୀ ମହାରାଜ ଓ ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଇଂ.ଅଭୟ କୁମାର ସାମନ୍ତରାୟ, ସାମାଜିକ କର୍ମୀ ନଳିନୀ ରାୟ, ଜିଲ୍ଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ପଣ୍ଡିତ ବିଚିତ୍ରାନନ୍ଦ ମହାପାତ୍ରଙ୍କ ସମେତ ବହୁ ଅତିଥି ଯୋଗଦାନ କରିଥିଲେ। ଇଣ୍ଡିଆନ୍ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ଭାରତମାତା ପୂଜନ ସମାରୋହ



ବାଙ୍କୀ, ୪।୨(ସମିସ): ଡମପଡ଼ା ବ୍ଲକ ଗୋପାଳପୁର ନେତାଜୀ ଶିକ୍ଷା ସଂସ୍ଥାନ ଅନୁଷ୍ଠାନ ପରିସରରେ ରବିବାର ଭାରତମାତା ପୂଜନ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ବାଙ୍କୀ ଜୋନ୍‌ର ସଭାପତି ରବୀନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଜାନୁଆରୀ ୨୬ତାରିଖ ଠାରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ସନାତନ ଧର୍ମ ହେଉଛି ବିଶ୍ୱର ସର୍ବଶ୍ରେଷ୍ଠ ଆଧାର ଯେଉଁଥିରେ ଭାରତମାତାଙ୍କୁ ପୂଜା କରାଯାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ପ୍ରଧାନ, ମୁକେଶ କୁମାର ଧଳ, ଚନ୍ଦ୍ରଶେଖର ସାମଲ, ରଞ୍ଜିତ ରାଉତ, ଗଙ୍ଗାଧର ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ବାଉରୀବନ୍ଧୁ ସାହୁ, ଅମରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦାନ କରି ଭାରତମାତା ପୂଜନ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ବିକେ ବିଦ୍ୟାପୀଠରେ ପୁରାତନ ଛାତ୍ର ସମ୍ମିଳନୀ



ବାଙ୍କୀ, ୪।୨(ସମିସ): ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ୧୯୮୩ ମସିହା ମାଟ୍ରିକ୍ ବ୍ୟାଚର ପୁରାତନ ଛାତ୍ର ସମ୍ମିଳନୀ ମା'ବ୍ରହ୍ମେଇ ପୀଠାରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ସାମଲଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତାପ ବେହେରା, ଅଶୋକ କୁମାର ତ୍ରିପାଠୀ, ଦ୍ୱାରିକା ପ୍ରସାଦ ପଣ୍ଡା, ସତୀଶ କୁମାର ତ୍ରିପାଠୀ, ପଞ୍ଚାନନ ବେହେରା, ସନ୍ତୋଷ କୁମାର ସାହୁ, ଦୀପକ କୁମାର ମହାପାତ୍ର, ପ୍ରବୀର କୁମାର ରଣା, ବିଦ୍ୟୁଭୂଷଣ ରଥ, ନିରଞ୍ଜନ ପଣ୍ଡା, ରୋହିତ ବେହେରା, ଅଜିତ୍ ପଣ୍ଡା ପ୍ରମୁଖ ଯୋଗଦାନ କରି ସେମାନଙ୍କ ବିଦ୍ୟାଳୟ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ।

## 'ଅଭୟପାଦ' ପକ୍ଷରୁ ମହିଳାଙ୍କୁ ବସ୍ତ୍ର ପ୍ରଦାନ



ବାଙ୍କୀ, ୪।୨(ସମିସ): ଡମପଡ଼ା ବ୍ଲକ ଢଁସର ଗ୍ରାମର ଅଭୟପାଦ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ପକ୍ଷରୁ ଗ୍ରାମର ଗରିବ ମହିଳାଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ବିଶେଷକରି ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ପୂର୍ବରୁ ପ୍ରତିବର୍ଷ ବିଭିନ୍ନ ଗ୍ରାମରେ ବସ୍ତ୍ର ବଣ୍ଟନ କରାଯାଇଆସୁଛି। ଅନୁଷ୍ଠାନର ସମ୍ପାଦକ ସୁଦର୍ଶନ ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବସ୍ତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରାୟ, ସୁରେନ୍ ପୃଷ୍ଟି ଦାଶ, ସଂକୁନ୍ତଳା ମଲ୍ଲିକ, ବଟକୃଷ୍ଣ ସାହୁ ପ୍ରମୁଖ ସହାୟତା କରିଥିଲେ। ଏହି ପରିପ୍ରେକ୍ଷୀରେ ଝୁନାରାଣୀ ମହାନ୍ତି, ଓଷାରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

## କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଡାକ୍ତର ଅଭାବ; ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ

ନରସିଂହପୁର, ୪।୨(ସମିସ)

କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ସ୍ୱାସ୍ଥ୍ୟ କେନ୍ଦ୍ର ସହ ପାରିପାର୍ଶ୍ୱିକ ପରିବେଶ ଅତ୍ୟନ୍ତ ବିପର୍ଯ୍ୟୟ ସ୍ଥିତିରେ ରହିଛି। ଶୌଚାଳୟ, ଓପିଡି କକ୍ଷ, ଜରୁରିକାଳୀନ ବିଭାଗ, ଡାକ୍ତର

**ଜରାଜୀର୍ଣ୍ଣ ଅବସ୍ଥାରେ ଓପିଡି କକ୍ଷ, ଶୌଚାଳୟ**




ଚାମ୍ବର ଆଦିର ଅବସ୍ଥା ମଧ୍ୟ ଶୋଚନୀୟ। କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୬ଟି ପଞ୍ଚାୟତର ଲୋକ ନିର୍ଭର କରୁଥିବାବେଳେ ଏଠି ଡାକ୍ତର ଅଭାବ ରୋଗୀ ସେବାରେ ବାଧକ ସାଜୁଛି। ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ ରହୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପୁରୁଷ ଓ ମହିଳା ଶୌଚାଳୟ ଅପରିଷ୍କାର ଥିବାବେଳେ ଅନ୍ତଃବିଭାଗରେ ଭର୍ତ୍ତି ହୋଇ ରହୁଥିବା ରୋଗୀ ହୁଅନ୍ତୁ ବା ତାଙ୍କ ସମ୍ପର୍କୀୟଙ୍କ ବ୍ୟବହାରରେ ତାହା ଲାଗିପାରୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଶୌଚାଳୟ ସମେତ ଅନ୍ୟ କୋଠରୀଗୁଡ଼ିକ ଜରାଜୀର୍ଣ୍ଣ ହୋଇଗଲାଣି। ସେହିପରି ଡାକ୍ତରଖାନାର ଇନ୍‌ଚାର୍ଜ ଭାବେ କାର୍ଯ୍ୟ କରୁଥିବା ଡାକ୍ତର ମାସକୁ ମାତ୍ର ୭/୮ ଦିନ ଆସୁଥିବା ଜଣାପଡ଼ିଛି। ତାଙ୍କ ଅନୁପସ୍ଥିତ ନେଇ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ସିଡିଏମ୍‌ଓ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଞ୍ଚଳବାସୀ କହିଛନ୍ତି। ଡାକ୍ତରଖାନାରେ ୫ଜଣ ଡାକ୍ତର ନିଯୁକ୍ତ ହୋଇଥିବାବେଳେ ଅଧିକାଂଶ ସମୟରେ କେବଳ ଜଣେ ଡାକ୍ତରଙ୍କର ଦେଖା ମିଳୁଛି। ତେଣୁ ତୁରନ୍ତ ଏହାର ସମାଧାନ ପାଇଁ ସ୍ଥାନୀୟ ଜନ ସାଧାରଣ ଦାବି କରିଛନ୍ତି।

## କାର୍ ପଛକୁ ପିଟିଲା 'ମୋ ବସ୍'; ବର୍ତ୍ତିଲେ ଚାଳକ



ବାରଙ୍ଗ, ୪।୨(ସମିସ): ବାରଙ୍ଗ-ନନ୍ଦନକାନନ ମୁଖ୍ୟ ରାସ୍ତାର ବ୍ଲକ ଛକ ନିକଟରେ ଏକ କାର୍ ପଛକୁ ମୋ'ବସ ଧକ୍କା ଦେଇଥିବାବେଳେ କାର୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାର୍‌ଟି ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ବାରଙ୍ଗ ବ୍ଲକ ଛକ ନିକଟରେ ପଛପଟୁ ଆସୁଥିବା ଏକ ମୋ'ବସ ଧକ୍କା ଦେଇଥିଲା। ଫଳରେ କାର୍‌ଟିର ପଛ ଭାଗ ଭାଙ୍ଗି ରୁଜି ଯାଇଥିବାବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

# ନପଙ୍ଗରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା'



ଟାଙ୍ଗୀ, ୪।୨(ସମିସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନପଙ୍ଗ ପଞ୍ଚାୟତ ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ବିକାଶର ଧାରା ସଂକ୍ରାନ୍ତରେ ସଚେତନ କରିବା ନିମନ୍ତେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଂଗଠକ କୃଷ୍ଣଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ସଭ୍ୟ ଚିତ୍ତରଞ୍ଜନ ସାମଲ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସ୍ଥାନୀୟ ସରପଞ୍ଚ ମମତା ମଲ୍ଲିକ, ସମିତି ସଭ୍ୟ ଗୋପାଳ ମଲ୍ଲିକ, ପଞ୍ଚାୟତ ବିଜେଡି ସଭାପତି ମିର୍ଜା ଲାଲଜାନ ବେଗ, ଯୁବନେତା ଜନ୍ମେଜୟ ଖିଲାର, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନିତା ଖୁଣ୍ଟିଆ, ମିଶନ ଶକ୍ତି ସଭାନେତ୍ରୀ ସନ୍ଧ୍ୟାରାଣୀ ମହାନ୍ତି ଓ ପ୍ରାକ୍ତନ ସରପଞ୍ଚ ସନାତନ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଏବଂ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ ରଞ୍ଜିତ ମହାନ୍ତି ଓ ସୁଶାନ୍ତ ସାମଲ ସହାୟତା କରିଥିଲେ। ନାଚଗୀତ ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାବେଳେ ପଞ୍ଚାୟତର ବିକାଶ ସଂକ୍ରାନ୍ତ ବୁକଲେଟ୍ ବଣ୍ଟନ କରାଯାଇଥିଲା। ଆଶା, ଅଙ୍ଗନବାଡ଼ି ଓ ମିଶନ ଶକ୍ତି ମହିଳାଙ୍କ ସମେତ ସବୁବର୍ଗର ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ନିଆଳି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା

# ସୂଚନା ଫଳକ ନାହିଁ; ନିମ୍ନମାନର କାମ ଅଭିଯୋଗ

ନିଆଳି, ୪।୨(ସମିସ): ନିଆଳିସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ନିର୍ମାଣାଧୀନ ଏକ କୋଠାଘର କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହି କୋଠାଘର କିଏ ନିର୍ମାଣ କରୁଛି। ବ୍ୟୟ ଅଟକଳ ଓ ଠିକାଦାର କିଏ ସେ ବାବଦରେ ଜାଣିବା ପାଇଁ ସୂଚନା ଫଳକଟିଏ ନାହିଁ। ଫଳରେ ଜନସାଧାରଣ ସନ୍ଦେହରେ ପଡ଼ିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେ କୌଣସି ଉନ୍ନୟନ ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଜନସାଧାରଣଙ୍କ ପାଇଁ ସୂଚନା ଫଳକ ରହିବା କଥା। ମାତ୍ର ଉକ୍ତ କାମର ଅଗ୍ରଗତି ହୋଇ ଚାଲିଥିବା ବେଳେ ଏ ପର୍ଯ୍ୟନ୍ତ ସୂଚନା ଫଳକ ଲଗାଯାଇନାହିଁ। ଅନ୍ୟପକ୍ଷରେ ଏହି କାମ ନିମ୍ନମାନର ହୋଇଥିବା ଓ କୌଣସି ଯନ୍ତ୍ରୀ ଉପସ୍ଥିତ ନଥିବାରୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର କନିଷ୍ଠଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା।



## ■ ବ୍ଲକ୍‌ରେ ୧ ନମ୍ବର ଶୁଦ୍ଧଖଣ୍ଡ ପଞ୍ଚାୟତ

# ପୁରସ୍କୃତକଲେ ମୁଖ୍ୟମନ୍ତ୍ରୀ



ସାଲେପୁର, ୪।୨(ସମିସ)

ସାଲେପୁର ବ୍ଲକର ୩୫ଟି ପଞ୍ଚାୟତ ମଧ୍ୟରୁ ଶୁଦ୍ଧଖଣ୍ଡ ପଞ୍ଚାୟତ ବିକାଶମୂଳକ କାର୍ଯ୍ୟ କରିବାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିବା ଜଣାପଡ଼ିଛି। ଗତ ୩୧ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଚୌଧୁରୀ ପ୍ରମୋଦ କୁମାର ରାଉତରାୟ ଏହି ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଗ୍ରହଣ କରିବାପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ପଞ୍ଚାୟତର ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବହୁ ଜନପ୍ରତିନିଧି ସରପଞ୍ଚଙ୍କ ଉଦ୍ୟମରେ ଶୁଦ୍ଧଖଣ୍ଡ ପଞ୍ଚାୟତ ବ୍ଲକରେ ୧ନଂ ମାନ୍ୟତା ପାଇଥିବାରୁ ସରପଞ୍ଚଙ୍କୁ ଏକ ଶୋଭାଯାତ୍ରାରେ ନେଇ ପଞ୍ଚାୟତ ପରିକ୍ରମା କରାଇଥିଲେ। ତାଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଲୋକେ। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ ପ୍ରଭାତ ନଳିନୀ ବିଶ୍ୱାଳ, ମିଶନ୍ ଶକ୍ତି ପଞ୍ଚାୟତ ସଭାନେତ୍ରୀ ରୀତାରାଣୀ ଲେଙ୍କା, ସମ୍ପାଦିକା ଦମୟନ୍ତୀ ମହାରଣା, କୋଷାଧ୍ୟକ୍ଷ ରଞ୍ଜିତା ସ୍ୱାଇଁ, ସୁଚିସ୍ମିତା ଦାସ, ମମତା ବରାଳ, ସସ୍ମିତା ସ୍ୱାଇଁ, ସାବିତ୍ରୀ ଦାସ, ସଙ୍ଗୀତା ସାହୁ, ପଞ୍ଚାୟତ ସଭାପତି ଗୌରବ ସାମଲ, ରଞ୍ଜନ ବରାଳ, ହରେକୃଷ୍ଣ ସ୍ୱାଇଁ, ପ୍ରଦୀପ୍ତ ଦାସ, ରଞ୍ଜିତ ସାହୁ, ଚନ୍ଦନ ଚୌଧୁରୀ, ବିକାଶ ରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦଳିତ ଯୁବକଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ

ସାଲେପୁର, ୪।୨(ସମିସ): ଜଣେ ଦଳିତ ବ୍ୟକ୍ତିଙ୍କୁ ଆକ୍ରୋଶମୂଳକ ଭାବେ ନିୟମିତ ଜାତିଆଣ ଆକ୍ଷେପ କରି ଜଣେ ଯୁବକ ଗାଳିଗୁଲଜ କରିବା ନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରିଥିବାବେଳେ ସାଲେପୁର ଏସ୍‌ଡିପିଓ ଏହି ମାମଲାର ତଦନ୍ତ ଚଳାଇଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଜଇରାମପୁର ପଞ୍ଚାୟତ ଝାରପଡ଼ା ଗ୍ରାମର ଅନନ୍ତ ପ୍ରସାଦ ମଲିକ ତାଙ୍କ ପଡ଼ୋଶୀ ପାଇକରାପୁରର କମଳାକାନ୍ତ ବେହେରାଙ୍କ ଘର ଦେଇ ନିୟମିତ ଯାତାୟତ କରୁଥିବାବେଳେ କମଳାକାନ୍ତ ଅଧିକାଂଶ ସମୟରେ ତାଙ୍କୁ ଜାତିଆଣ ଆକ୍ଷେପ କରି କହିଆସୁଥିଲେ। ଗତ ୨୩ତାରିଖ ସନ୍ଧ୍ୟାରେ ଅନନ୍ତ ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ କମଳାକାନ୍ତ ପୁନର୍ବାର ଏଭଳି ଆକ୍ଷେପ କରି କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାକୁ ନେଇ ପଞ୍ଚାୟତରେ ସମାଧାନ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ଏହାର କୌଣସି ସମାଧାନ ନହେବାରୁ ଅନନ୍ତ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି କେଶ୍ ନଂ ୬୨/୨୪ରେ ଏକ ମାମଲା ରୁଜୁ କରିଛି। ସାଲେପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଘଟଣାର ତଦନ୍ତ ଭାର ନେଇଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

# ରାମପ୍ରସାଦ ସଂସ୍କୃତ ଏକାଡେମୀରେ ଭାଷା ସାହିତ୍ୟ କାର୍ଯ୍ୟକ୍ରମ

ଫୁଲନଖରା, ୪।୨(ସମିସ): କଟକ ସଦର ଥାନା ବାବା ରାମପ୍ରସାଦ ସଂସ୍କୃତ ଏକାଡେମୀରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରଧାନ ପଣ୍ଡିତ ଘନଶ୍ୟାମ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ ପରେ ପିଲାମାନଙ୍କୁ ପ୍ରଥମ ଥର ଓଡ଼ିଶାରେ ପାଳନ ହେଉଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସମ୍ପର୍କରେ ଶିକ୍ଷକମାନେ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସମ୍ମାନ ରକ୍ଷା କ୍ଷେତ୍ରରେ ଆଗାମୀ ଦିନରେ ସମସ୍ତେ ସଂଘବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦାଶିବ ପାଲ, ସୁଧାଂଶୁ ମହାନ୍ତି, ହୃଦରଞ୍ଜନ ଦାଶ, ଧୀରେନ୍ଦ୍ର ନନ୍ଦ, ସୁଜାତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଣ୍ଡିତ ଅଜୟ ପତି ଧନ୍ୟବାଦ ଅର୍ପଣ କରିଥିଲେ।



# ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ଢେଙ୍କାନାଳ ବିଜୟୀ

ବାଙ୍କୀ, ୪।୨ (ସମିସ)



ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ କଚେରି ପଡ଼ିଆଠାରେ ରାଜ୍ୟସ୍ତରୀୟ ପ୍ରାଣକୃଷ୍ଣ ସାହୁ ଏବଂ ହୃଷିକେଷ ସାହୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟିତ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ଖୁଣ୍ଟକଟା କ୍ଲବ୍ ଆଠଗଡ଼ ବନାମ୍ ପପୁଲାର୍ କ୍ଲବ ଢେଙ୍କାନାଳ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଢେଙ୍କାନାଳ ପପୁଲାର୍ କ୍ଲବ୍ ୨-୧ଗୋଲରେ ବିଜୟୀ ହୋଇଛି। କୃପାସିନ୍ଧୁ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ ମ୍ୟାନ୍ ଭାବେ ତପନ ନାୟକ, ବାଦଲ ନାୟକ ଖେଳରେ ସହଯୋଗ କରିଥିଲେ। ଏହି ମ୍ୟାଚରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ସମାଜସେବୀ ତଥା ବିଶିଷ୍ଟ କ୍ରୀଡ଼ା ସଂଗଠକ ଦୀପକ ରଞ୍ଜନ ସାହୁ, ପ୍ରେସ୍ କ୍ଲବ୍‌ର ଉପସଭାପତି ସମରେନ୍ଦ୍ର ମହାପାତ୍ର, ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏସନର କୋଷାଧ୍ୟକ୍ଷ ଲିଙ୍ଗରାଜ ରାଉତ, ସହସମ୍ପାଦକ ପ୍ରଶାନ୍ତ ଦାସ, ବୃନ୍ଦାବନ ପ୍ରଧାନ, ପ୍ରସନ୍ନ ବେହେରା, ବିନୟ ପ୍ରଧାନ, ଶୁଭେନ୍ଦୁ ବେହେରା, ପ୍ରଦୀପ ବେହେରା, ଉପଦେଷ୍ଟା ଧର୍ମପ୍ରସାଦ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଖେଳ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଆସନ୍ତାକାଲି ବଜରଙ୍ଗୀ କ୍ଲବ୍ ଭୁବନେଶ୍ୱର ସହିତ ଇଣ୍ଡିପେଣ୍ଡେଣ୍ଟସ୍ କ୍ଲବ୍ କଟକ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ବାଙ୍କୀ ଆଥଲେଟିକ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା ପ୍ରକାଶ କରିଛନ୍ତି। ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ବେଲେଶ୍ୱର କପ୍ ଫୁଟବଲ୍: ମରିଚିଆ ଚାମ୍ପିଅନ୍

ବାରଙ୍ଗ, ୪।୨(ସମିସ)

ବାରଙ୍ଗ ବ୍ଲକ ବେଲଗଛିଆ ଖେଳପଡ଼ିଆଠାରେ ରବିବାର ଅନୁଷ୍ଠିତ ଏକ ଦିବସୀୟ ବେଲେଶ୍ୱର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମରିଚିଆ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଚାମ୍ପିଅନ୍ ହୋଇଛି। ବେଲେଶ୍ୱର କ୍ଲବ ପକ୍ଷରୁ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ମ୍ୟାଚ ୟୁଥ ସ୍ପୋର୍ଟସ କ୍ଲବ୍ ମରିଚିଆ, ଖୋର୍ଦ୍ଧା ଓ ମୁଣ୍ଡମୁହାଣ କ୍ଲବ୍ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଫଳରେ ଟାଇବ୍ରେକର୍ ଜରିଆରେ ବିଜୟ ଦଳ ନିର୍ଣ୍ଣୟ କରାଯାଇଥିଲା। ଏଥିରେ ମରିଚିଆ ଦଳ ୫-୪ ଗୋଲରେ ମୁଣ୍ଡମୁହାଣ ଫୁଟବଲ କ୍ଲବ୍‌କୁ ହରାଇ ଟ୍ରଫି ହାତେଇଥିଲା। ବାରଙ୍ଗ ବ୍ଲକ ୩୨ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ନଗଦ ୧୦ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ନଗଦ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁପୁର ଗ୍ରାମପଞ୍ଚାୟତ ସମିତି ସଭ୍ୟ କିଷନ କୁମାର ଜେନା, ଶ୍ରୀବନ୍ତପୁର ପଞ୍ଚାୟତ ସମିତି ସଭ୍ୟ ମୋନାଲିସା ପ୍ରଧାନ, ରଞ୍ଜନ ଦାସ, ରାଜକିଶୋର ରାଉତଙ୍କ ସମେତ ଗ୍ରାମର ବହୁ ମୁରବୀ ଓ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। କ୍ଲବର ସନ୍ତୋଷ ଦାସ, ମନୋଜ ବେହେରା, ପ୍ରଶାନ୍ତ ବେହେରା, ଚନ୍ଦ୍ରକାନ୍ତ ବେହେରା, ଇନ୍ଦ୍ରଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ରେଫେରୀ ଜ୍ୟୋତି ରଞ୍ଜନ ସ୍ୱାଇଁ, ରାଜେନ୍ଦ୍ର ବାରିକ, ବିନୟ ମଙ୍ଗରାଜ, ମୁନେନ୍ଦ୍ର ଦାଶ ଖେଳ ପରିଚାଳନା କରିଥିବାବେଳେ ହାସ୍ୟ ଅଭିନେତା ରଙ୍ଗନିଧି ରାଉତ ଧାରାବିବରଣୀ ଦେଇଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୧୦ ● ପାଉଣ୍ଡ ୧୦୫.୫୮
- ୟୁରୋ ୯୦.୬୫ ● ୟେନ୍ ୦.୫୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୮୦୦ (ନୂଆଦିଲ୍ଲୀ)
- ରୁପା : ୭୭,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୬୮୩.୦୦
- ନିଫ୍ଟି ୨୧,୬୬୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ବ୍ୟବସାୟୀଙ୍କୁ କ୍ୟାଟ୍‌ର ପରାମର୍ଶ

# ପେଟିଏମ୍ ଛାଡ଼ି ଅନ୍ୟ ପ୍ଲାଟ୍‌ଫର୍ମ ଆପଣାଅ

ନୂଆଦିଲ୍ଲୀ,୪।୨(ଏଜେନ୍ସି)




ଦିନକୁ ଦିନ ବଢ଼ିବାରେ ଲାଗିଛି ପେମେଣ୍ଟ ପ୍ଲାଟଫର୍ମ ପେଟିଏମ୍‌ର ସମସ୍ୟା। ପେଟିଏମ୍‌ର ବର୍ତ୍ତମାନର ସମସ୍ୟାକୁ ନଜରରେ ରଖି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (କ୍ୟାଟ୍) ଏହାର ବ୍ୟବସାୟୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛି। ନିଜ କାରବାର ସମ୍ବନ୍ଧୀୟ ଅର୍ଥ ଦେଣନେଣ ପେଟିଏମ୍ ପରିବର୍ତ୍ତେ ଅନ୍ୟ ପ୍ଲାଟଫର୍ମକୁ ସ୍ଥାନାନ୍ତର କରିବାକୁ ସଂଘ ପରାମର୍ଶ ଦେଇଛି। ପେଟିଏମ୍ ୱାଲେଟ୍ ଓ ବ୍ୟାଙ୍କ ପରିଚାଳନା ଉପରେ ରିଜର୍ଭ ବ୍ୟାଙ୍କର ଅଙ୍କୁଶ ପରେ କ୍ୟାଟ୍ ପକ୍ଷରୁ ଏହି ପରାମର୍ଶ ଦିଆଯାଇଛି। କ୍ୟାଟ୍ ପକ୍ଷରୁ ଜାରି ବୟାନରେ କୁହାଯାଇଛି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଲଗାଯାଇଥିବା ଅଙ୍କୁଶ ପରେ ସାରା ଦେଶରେ ବ୍ୟବସାୟୀ ନିଜ ନିଜ ଟଙ୍କା ପଇସାର ସୁରକ୍ଷା ପାଇଁ ଅନ୍ୟ ପ୍ଲାଟଫର୍ମର ଉପଯୋଗ କରିବା ଉଚିତ୍।

ପ୍ରସଙ୍ଗ ଉପରେ କ୍ୟାଟ୍‌ର ରାଷ୍ଟ୍ରୀୟ ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି, ବହୁସଂଖ୍ୟାରେ ଛୋଟ ବ୍ୟବସାୟୀ, ବିକ୍ରେତା, ହକର ଓ ମହିଳା ପେଟିଏମ୍ ମାଧ୍ୟମରେ କାରବାର କରୁଛନ୍ତି। ଆରବିଆଇର ରୋକ୍ ପରେ ଏହି ଲୋକମାନଙ୍କ ଆର୍ଥିକ କାରବାରରେ ସମସ୍ୟା ଉପୁଜିପାରେ। ଏଠାରେ ସୂଚାଇ ଦିଆଯାଇପାରେ କି ମନି ଲଣ୍ଡରିଂ ଓ ପେଟିଏମ୍ ୱାଲେଟ୍ ତଥା ଏହାର ବ୍ୟାଙ୍କିଂ ଶାଖା ମାଧ୍ୟମରେ ଶହ ଶହ କୋଟି ଟଙ୍କାର ସନ୍ଦିଗ୍ଧ କାରବାର କାରଣରୁ ଆରବିଆଇ ପିପିବିଏଲ୍ ବିରୁଦ୍ଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

**● ଅନ୍ୟ ପ୍ଲାଟଫର୍ମ ମୁହାଁ ପେଟିଏମ୍ ଗ୍ରାହକ**

## ଗୁଗଲ୍, ଫୋନ୍‌ପେ ଉଠାଉଛନ୍ତି ଫାଇଦା

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ନିୟମ ଅନୁପାଳନରେ ତ୍ରୁଟି ପାଇଁ ପେଟିଏମ ପେମେଣ୍ଟସ୍ ବ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଫଳରେ ପେଟିଏମ ବ୍ୟବହାର କରୁଥିବା ଗ୍ରାହକଙ୍କୁ ଏବେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାହକଙ୍କୁ ସମସ୍ୟା ନ ହେଉ ଏଣୁ ପେଟିଏମର ପ୍ରତିନିଧି ବ୍ୟବସାୟୀଙ୍କ ନିକଟକୁ ପହଞ୍ଚୁଛନ୍ତି ଓ ସେମାନଙ୍କ ଜମା ରାଶି ଅନ୍ୟ ବ୍ୟାଙ୍କକୁ ଟ୍ରାନ୍ସଫର କରୁଛନ୍ତି। ତେବେ ଆରବିଆଇର ଏହି ନିଷ୍ପତ୍ତି ବର୍ତ୍ତମାନ ପରିସ୍ଥିତିରେ ପେଟିଏମର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀଗୁଡିକୁ ଲାଭବାନ୍ କରୁଥିବା ଜଣାପଡିଛି। ପେଟିଏମ ପେମେଣ୍ଟ ବ୍ୟାଙ୍କ ବିରୋଧରେ ଆରବିଆଇ କାର୍ଯ୍ୟାନୁଷ୍ଠାନର ଲାଭ ଏବେ ଗୁଗଲ୍ ପେ ଓ ଫୋନ୍‌ପେ ଭଳି ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀଗୁଡିକୁ ମିଳୁଛି। ଏହି ଦୁଇ କମ୍ପାନୀ ବିନା କୌଣସି ଖର୍ଚ୍ଚରେ ପେଟିଏମ୍ ଆକାଉଣ୍ଟକୁ ନିଜ ନିଜ ପ୍ଲାଟଫର୍ମକୁ ପୋର୍ଟ କରିବାର ଅବସରକୁ ଉପଯୋଗ କରୁଛନ୍ତି। ଫଳରେ ଗୁଗଲ୍ ପେ ଓ ଫୋନ୍ ପେ ୟୁଜରଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ହେବାରେ ଲାଗିଛି। ପେଟିଏମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଭାବେଶ ଗୁପ୍ତା ଫେବୃଆରୀ ପହିଲାରେ ଶେୟାର ବଜାର ବିଶ୍ଳେଷକଙ୍କୁ କହିଥିଲେ ଯେ ପାଖାପାଖି ୪ କୋଟି ବ୍ୟବସାୟୀଙ୍କୁ ଅନ୍ୟ ବ୍ୟାଙ୍କକୁ ସ୍ଥାନାନ୍ତର କରିବାର ଆବଶ୍ୟକତା ପଡିବ ଓ ଏହି ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇସାରିଛି। ପେଟିଏମ ପେମେଣ୍ଟସ ବ୍ୟାଙ୍କର ଆକାଉଣ୍ଟଧାରୀ ପରିବାର ସଦସ୍ୟଙ୍କ ଜମା ରାଶି ମଧ୍ୟ ସ୍ଥାନାନ୍ତର କରୁଛନ୍ତି। ତେବେ ଇତିମଧ୍ୟରେ ଅନେକ ଖୁଚୁରା ବ୍ୟବସାୟୀ ମୋବାଇଲ ଫୋନ୍‌ରେ ପେଟିଏମରୁ ପେମେଣ୍ଟ ସ୍ୱୀକାର କରିବା ବନ୍ଦ କରିଦେଲେଣି।

## ପେଟିଏମ୍‌କୁ ଆଶ୍ୱସ୍ତି, ୨୪୪ କୋଟି ନିବେଶ କଲା ଆମେରିକୀୟ କମ୍ପାନୀ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ କଟକଣା ପରେ ପେଟିଏମ ପେମେଣ୍ଟସ୍ ବ୍ୟାଙ୍କ ଏବେ ଖରାପ ସମୟର ସମ୍ମୁଖୀନ ହୋଇଛି। ଏହା ସତ୍ତ୍ୱେ କମ୍ପାନୀକୁ ଆମେରିକାରୁ ବଡ଼ ଆଶ୍ୱସ୍ତି ମିଳିଛି। ଆମେରିକାର ଏକ ମଲ୍ଟିନ୍ୟାସନାଲ ନିବେଶକାରୀ ସଂସ୍ଥା ପେଟିଏମ୍‌ର ସହଯୋଗୀ କମ୍ପାନୀ ୱାନ୍‌୯୭ କମ୍ୟୁନିକେସନରେ ୨୪୪ କୋଟି ଟଙ୍କା ନିବେଶ କରିଛି। ଅମେରିକାର ମଲ୍ଟିନ୍ୟାସନାଲ କମ୍ପାନୀ ମୋର୍ଗାନ୍ ଷ୍ଟେନ୍‌ଲେ ପେଟିଏମର ୦.୮ ପ୍ରତିଶତ ଶେୟାର କ୍ରୟ କରିଛି। କମ୍ପାନୀ ଖୋଲା ବଜାର ମାଧ୍ୟମରେ ଏହି ନିବେଶ କରିଥିବା ଜଣାପଡିଛି।କମ୍ପାନୀ ଏସିଆ ସିଙ୍ଗାପୁର ପ୍ରାଇଭେଟ ଲିମିଟେଡର ୫୦ ଲକ୍ଷ ଶେୟାର କିଣିଛି। ଏଥିଲାଗି କମ୍ପାନୀ ପେଟିଏମର ପ୍ରତ୍ୟେକ ଶେୟାରର ମୂଲ୍ୟ ୪୮୭.୨ ଟଙ୍କା କରିଛି। ପେଟିଏମ ପେମେଣ୍ଟସ୍ ବ୍ୟାଙ୍କ ବିରୋଧରେ ଆରବିଆଇର କାର୍ଯ୍ୟାନୁଷ୍ଠାନ ଯୋଗୁ ପେଟିଏମ ଶେୟାର ମୂଲ୍ୟରେ ତୀବ୍ର ହ୍ରାସ ଦେଖାଯାଇଛି। କମ୍ପାନୀର ସେୟାର ୨ ଦିନରେ ୨୦ ପ୍ରତିଶତ ଖସିଛି। ଫଳରେ ସେୟାର ପିଛା ମୂଲ୍ୟ ୪୮୭.୨ ଟଙ୍କାକୁ ଖସିଆସିଛି।

## ଫାଇନାନ୍ସ କମ୍ପାନୀର ଔଦ୍ଧତ୍ୟ

# ଖଟ ସହିତ ବୃଦ୍ଧଙ୍କୁ ଘରୁ ବାହାର କରିଦେଲା



**ଭୋପାଳ, ୪।୨ (ଏଜେନ୍ସି):** ମଧ୍ୟପ୍ରଦେଶ ମନ୍ଦସୌରର ଭିଲ୍ୟାଖେଡ଼ି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଋଣ କିସ୍ତି ପରିଶୋଧ ନ କରିପାରିବାରୁ ଏକ ଫାଇନାନ୍ସ କମ୍ପାନୀ ପୁଲିସ ସହିତ ପହଞ୍ଚି ଜଣେ ପୂଜାରୀଙ୍କୁ ପରିବାର ସହିତ ଘରୁ ବାହାର କରିଦେଇଛି। ଏହାର ବିକଳ ଚିତ୍ର ଭାଇରାଲ ହେବାରେ ଲାଗିଛି। ଘରେ ଥିବା ସାମଗ୍ରୀଙ୍କୁ ରାସ୍ତାରେ ଫୋପାଡ଼ି ଦେଇଛନ୍ତି। ରାମ ମନ୍ଦିରର ପୂଜାରୀ ଗୋବିନ୍ଦଦାସ ବୈରାଗୀଙ୍କ ଶତାୟୁ ରୋଗୀଣା ବାପାଙ୍କୁ ଖଟ ସହିତ ଘରୁ ଉଠାଇ ଆଣି ବାହାରେ ରଖିଦେଇଛନ୍ତି। ଏହା ପରେ ଘରେ ତାଲା ଲଗାଇ ଦେଇଛନ୍ତି। ସେ ୨୦୧୫ରେ ମେଣ୍ଟୋର ଫାଇନାନ୍ସ ଜୟପୁରରୁ ଘର ବନାଇବା ପାଇଁ ୩ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଋଣ ଦେବା ସମୟରେ ଏହି କମ୍ପାନୀ ବୀମା ଏବଂ ଅନ୍ୟ ଖର୍ଚ୍ଚ ବାବଦକୁ ୭୦ ହଜାର ଟଙ୍କା କାଟି ରଖିଥିଲା। ଋଣ ମିଳିବା ଖୁସିରେ ସେ ମନ୍ଦିରକୁ ୧୦ ହଜାର ଟଙ୍କା ଦାନ କରିଥିଲେ। ପରେ ୭୦ ହଜାର ଟଙ୍କାର କିସ୍ତି ଦେଇଥିଲେ। ମାତ୍ର କରୋନା ଲକ୍‌ଡାଉନ, ବାପାଙ୍କ ଅସୁସ୍ଥତା ଏବଂ ୩ ଝିଅଙ୍କ ବିବାହ ଯୋଗୁଁ ଆର୍ଥିକ ସ୍ଥିତି ଦୟନୀୟ ହୋଇଯାଇଥିଲା। ତେଣୁ ସେ ଆଉ ଋଣ ପରିଶୋଧ କରିପାରି ନ ଥିଲେ। ସେ ଏବଂ ତାଙ୍କ ପତ୍ନୀ କମ୍ପାନୀର କର୍ମଚାରୀ ଓ ପୁଲିସକୁ କିସ୍ତି ଜମା କରିବାକୁ ନିବେଦନ କରିଥିଲେ। କିନ୍ତୁ କେହି ତାଙ୍କ କଥା ଶୁଣି ନ ଥିଲେ। ଏବେ ସେ ବାଧ ହୋଇ ବଡ଼ ଭାଇ ସହିତ ଖେତରେ ରହୁଛନ୍ତି। କମ୍ପାନୀ ୨ ଲକ୍ଷ ୨୦ ହଜାର ଋଣ ଦେଇଥିଲା। ଏଥିରେ ସେ ୭୦ ହଜାର ପରିଶୋଧ କରିଥିଲେ। ଏହା ସତ୍ତ୍ୱେ କମ୍ପାନୀ ୧୨ ଲକ୍ଷ ମାଗୁଥିଲା ବୋଲି ସେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ଜିତୁ ପଟୱାରୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏବେ ପ୍ରଶାସନ ଜନତାଙ୍କ ଶତ୍ରୁ ପାଲଟି ଯାଇଛି ବୋଲି ସେ କହିଛନ୍ତି।

- **ଘର ତିଆରି ପାଇଁ ଆଣିଥିଲେ ୩ ଲକ୍ଷ ଋଣ**
- **୭୦ ହଜାର ଟଙ୍କା କମ୍ ଦେଇଥିଲା କମ୍ପାନୀ**
- **ପରିଶୋଧ କରିପାରିଲେନି ଋଣ**

## ୬ରୁ 'ଜାତୀୟ ସବୁଜ ଧାତବ ସମ୍ମିଳନୀ'




**ଭୁବନେଶ୍ୱର,୪।୨(ସମିସ):** ଭୁବନେଶ୍ୱରରେ ଆୟୋଜନ ହେବ "ନ୍ୟାସନାଲ୍ ଗ୍ରୀନ୍ ମେଟାଲ୍ କନଫରେନ୍ସ ୨୦୨୪ ବା 'ଜାତୀୟ ସବୁଜ ଧାତବ ସମ୍ମିଳନୀ'। ଚଳିତ ଫେବୃଆରୀ ୬ ଓ ୭ରେ ଭୁବନେଶ୍ୱର ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଏହି ସମ୍ମିଳନୀ ଆୟୋଜନ ହେବ। ବର୍ତ୍ତମାନ ସମୟରେ ଅସ୍ଥାୟୀ ବିକାଶ ଏବଂ ଜଳବାୟୁ ପରିବର୍ତ୍ତନ ମଣିଷ ସମାଜ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଠିଆ ହୋଇଛି। ବିଶେଷକରି ଶିଳ୍ପ କ୍ଷେତ୍ର ବା ଧାତୁ ଉତ୍ପାଦନ କ୍ଷେତ୍ର ପ୍ରମୁଖ ଭୂମିକାକୁ ଆଖି ଆଗରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ର ଇସ୍ପାତ ମନ୍ତ୍ରାଳୟ ଅଧିନସ୍ଥ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ)ର ମିଳିତ ସହଯୋଗରେ "ନ୍ୟାସନାଲ୍ ଗ୍ରୀନ୍ ମେଟାଲ୍ କନଫରେନ୍ସ ୨୦୨୪» ଆୟୋଜନ କରାଯିବ। ଏହି ଦୁଇ ଦିନିଆ ସମ୍ମିଳନୀରେ 'ସବୁଜ ସ୍ଥିରତା ପାଇଁ; ଧାତୁ ପରିସଂସ୍ଥା ସନ୍ତୁଳନ' ବା "ମେଟାଲ୍ ଇକୋ ସିଷ୍ଟମ୍ ବାଲାନ୍ସିଂ; ଟୁଆର୍ଡସ ଗ୍ରୀନ ସଷ୍ଟେନେବିଲିଟି' ବିଷୟବସ୍ତୁ ଉପରେ ଆଲୋଚନା ହେବ। ଏହି ଅବସରରେ ରାଜ୍ୟ ପ୍ରଦୂଷଣନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁର୍ଗେସନ, ବିପିଏନଏସଆଇର ନିର୍ଦ୍ଦେଶକ ପ୍ରୀତମ ଏସ. ପୂରକାୟସ୍ଥା, ଇଞ୍ଜିନିୟର ଆରଏନ ପୃଷ୍ଟି ଏବଂ ଡ. ଏନଆର ସାହୁ ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀ କହି ଏହି ସୂଚନା ଦେଇଛନ୍ତି। ଏହି ସମ୍ମିଳନୀ ଧାତୁ ପରିସଂସ୍ଥା ସନ୍ତୁଳନ କ୍ଷେତ୍ରର ପ୍ରମୁଖ ଭବିଷ୍ୟତ ଉପରେ ରଣନୀତି କରିବା ପାଇଁ ଶିଳ୍ପ ହିତାଧିକାରୀ, ବିଶେଷଜ୍ଞ, ଶିକ୍ଷାବିତ୍, ଅନୁଷ୍ଠାନ ଏବଂ ନୀତି ନିର୍ଦ୍ଧାରଣକାରୀଙ୍କ ପାଇଁ ଏକ ବଡ଼ ମଞ୍ଚ ହେବ ବୋଲି ଅତିଥିମାନେ କହିଛନ୍ତି। ଶକ୍ତି ଏବଂ ଶିଳ୍ପ କ୍ଷେତ୍ର, ବିଶେଷକରି ଇସ୍ପାତ ଏବଂ ଆଲୁମିନିୟମ୍ କ୍ଷେତ୍ର ଅଙ୍ଗାରକାମ୍ଳ ବା କାର୍ବନ ନିର୍ଗମନର ଏକ ପ୍ରମୁଖ ଉତ୍ସ ଭାବେ ଉଭା ହୋଇଛି। ବିଶ୍ୱରେ ଇସ୍ପାତ ଏବଂ ଆଲୁମିନିୟମର ଭାରତ ଦ୍ୱିତୀୟ ବୃହତ୍ତମ ଉତ୍ପାଦକ ଭାବେ ଏହାର ଔଦ୍ୟୋଗିକ କାର୍ଯ୍ୟକଳାପର ଓ ଏହାର ପରିବେଶ ଉପରେ ପ୍ରଭାବକୁ ସମାଧାନ କରିବା ପାଇଁ ଏହି ପରି ସମ୍ମିଳନୀରେ ଆବଶ୍ୟକତା ରହିଛି ବୋଲି ଡ. ମୁର୍ଗେସନ କହିଛନ୍ତି।

## ପାନମସଲା ପ୍ୟାକିଂ ମେସିନ୍ ପଞ୍ଜିକରଣ ବାଧ୍ୟତାମୂଳକ

# ଏପ୍ରିଲ ପହିଲାରୁ ଲାଗୁ ହେବ ୧ ଲକ୍ଷ ଜରିମାନା

ନୂଆଦିଲ୍ଲୀ,୪।୨(ଏଜେନ୍ସି)

ଏଣିକି ପାନ ମସଲା, ଗୁଟଖା ଓ ତମାଖୁ ଉତ୍ପାଦ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡିକ ପାଇଁ ଜିଏସଟି ଅଧିକାରୀଙ୍କ ଦ୍ୱାରା ନିଜର ପ୍ୟାକିଙ୍ଗ ମେସିନ୍‌କୁ ମଧ୍ୟ ପଞ୍ଜିକୃତ କରିବାକୁ ପଡିବ। ଦେଶରେ ତମାଖୁ ଉତ୍ପାଦ କ୍ଷେତ୍ରରେ ହେଉଥିବା ରାଜସ୍ୱ ହାନୀକୁ ରୋକିବା ପାଇଁ କେନ୍ଦ୍ର ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଉକ୍ତ ନିୟମର ଉଲ୍ଲଂଘନ ପାଇଁ କମ୍ପାନୀଗୁଡିକ ଉପରେ ମୋଟା ଅଙ୍କର ଜୋରିମାନା ଲାଗୁ ହେବ। ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ପରିଷଦର ପକ୍ଷରୁ ରବିବାର ଜାରି କରାଯାଇଥିବା ନୂଆ ମାର୍ଗଦର୍ଶିକା ଅନୁଯାୟୀ, ନିୟମର ଉଲ୍ଲଂଘନ କ୍ଷେତ୍ରରେ ପାନ ମସଲା, ଗୁଟଖା ଓ ତମାଖୁ ନିର୍ମାତାଙ୍କୁ ୧ ଲକ୍ଷ ଟଙ୍କାର ଜୋରିମାନା ଦେବାକୁ ହେବ। ଏହି ନିୟମ ଆସନ୍ତା ଏପ୍ରିଲ ପହିଲାରୁ ଲାଗୁ ହେବ। ରୁ ଜିଏସଟି ଅଧିକାରୀଙ୍କ ଦ୍ୱାରା ନିଜର ପ୍ୟାକିଙ୍ଗ ମେସିନକୁ ମଧ୍ୟ ପଞ୍ଜିକୃତ କରିବାକୁ ପଡିବ। ଏଥପାଇଁ କେନ୍ଦ୍ର ସରକାର ଅର୍ଥ ବିଲ୍ ୨୦୨୪ ଅନ୍ତର୍ଗତ କେନ୍ଦ୍ରୀୟ ଜିଏସ୍‌ଟି ଅଧିନିୟମରେ ସଂଶୋଧନ କରିଛନ୍ତି। ଯେଉଁଥିରେ ପାନମସଲା ପ୍ୟାକିଂ ହେଉଥିବା ମେସିନ ପଞ୍ଜିକୃତ ନ ହୋଇଥିଲେ ପ୍ରତି ମେସିନ ପିଛା ୧ ଲକ୍ଷ ଟଙ୍କା ଜୋରିମନା କରିବାକୁ ବ୍ୟବସ୍ଥା ହୋଇଛି।

### ବଦଳିଲା ତମାଖୁ ଓ ପାନ ମସଲା ନିୟମ

ଜିଏସଟି ପରିଷଦଙ୍କ ସୁପାରିଶ ଅନୁସାରେ ଟିକସ ଅଧିକାରୀମାନେ ଗତବର୍ଷ ଠାରୁ ତମାଖୁ ନିର୍ମାତାଙ୍କ ଦ୍ୱାରା ମେସିନ ପଞ୍ଜୀକରଣ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏହି ମେସିନଗୁଡିକର ପ୍ୟାକିଂ କ୍ଷମତା ସହିତ ବର୍ତ୍ତମାନର ପ୍ୟାକିଂ ମେସିନ ଓ ନୂଆ ସ୍ଥାପିତ ମେସିନର ବିବରଣୀ ଫର୍ମ ଜିଏସ୍‌ଟି ଏସଆରଏମ-ଆଇରେ କରିବାକୁ ହୋଇଥାଏ। ତେବେ ଗତବର୍ଷ ଏ ନେଇ କୌଣସି ପ୍ରକାର ଜୋରିମାନା ସମ୍ପର୍କରେ ସୂଚନା ଦିଆଯାଇ ନ ଥିଲା। କେନ୍ଦ୍ର ରାଜସ୍ୱ ସଚିବ ସଞ୍ଜୟ ମଲହୋତ୍ରା କହିଛନ୍ତି ଯେ ଜିଏସଟି ପରିଷଦର ଗତ ବୈଠକରେ ପାନମସଲା, ଗୁଟଖା ଓ ଏହିଭଳି ଉତ୍ପାଦଗୁଡିକ ପାଇଁ ସେମାନଙ୍କ ମେସିନର ପଞ୍ଜିକରଣ ବାଧ୍ୟତାମୂଳକ କରାଯାଇଥିଲା। ଯାହାଦ୍ୱାରା ଏପରି କମ୍ପାନୀଙ୍କ ଉତ୍ପାଦନ କ୍ଷମତା ଉପରେ ନଜର ରଖାଯାଇପାରିବ। ତେବେ ଗତବର୍ଷ ପର୍ଯ୍ୟନ୍ତ ପଞ୍ଜିକରଣ କରାଇ ନ ଥିବା କମ୍ପାନୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇ ନ ଥିଲା। ତେବେ ଏଥର ଜିଏସଟି ପରିଷଦ ଏହା ଉପରେ ଜୋରିମାନା ଲାଗୁ କରିବା ଦରକାର ବୋଲି ନିଷ୍ପତ୍ତି ନେଇଛି। ଏହି କାରଣରୁ ଏବେ ପଞ୍ଜୀକରଣ କରି ନ ଥିବା କମ୍ପାନୀଙ୍କ ବିରୋଧରେ ଜୋରିମାନା ଲାଗୁ କରାଯିବ।

## ଜୁଲାଇ ପରେ ମହାକାଶ ଯିବ ବ୍ୟୋମମିତ୍ରା



**ନୂଆଦିଲ୍ଲୀ, ୪।୨ (ଏଜେନ୍ସି):** ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ର ମହତ୍ତ୍ୱାକାଂକ୍ଷୀ ମାନ ଅଭିଯାନ 'ଗଗନଯାନ ପ୍ରକଳ୍ପ' ପୂର୍ବରୁ ମହିଳା ରୋବୋ ବ୍ୟୋମମିତ୍ରା ମହାକାଶକୁ ଯିବ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ରବିବାର ଏହି ସୂଚନା ଦେଇଛନ୍ତି। ଚଳିତ ବର୍ଷ ଜୁଲାଇ ମାସ ପରେ ଏହି ଅଭିଯାନ ଧାର୍ଯ୍ୟ କରାଯାଇଛି। ମାତ୍ର ୨୦୨୫ରେ ଗଗନଯାନକୁ ମହାକାଶକୁ ପଠାଯିବ। ଏହି ରୋବୋ ମନୁଷ୍ୟ ଭଳି ବ୍ୟବହାର କରିବାରେ ସକ୍ଷମ। ବ୍ୟୋମମିତ୍ରା ବିଭିନ୍ନ ମାନଦଣ୍ଡ ଉପରେ ନଜର ରଖି ଚେତାବନୀ ଜାରି କରିପାରିବ। ଲାଇଫ ସପୋର୍ଟ ସିଷ୍ଟମ ମଧ୍ୟ ପରିଚାଳନା କରିବ। ଏହା ମାନବ ଅଭିଯାନ ପାଇଁ ମହାକାଶର ପରିବେଶକୁ ଅନୁଧ୍ୟାନ କରିବ। ଏହି ରୋବୋ ମଣିଷ ଭଳି ଚଲାବୁଲା କରିବା ସହିତ ପ୍ରଶ୍ନର ଉତ୍ତର ମଧ୍ୟ ଦେଇପାରିବ। ବ୍ୟୋମମିତ୍ରା ଶରୀରରେ କ୍ୟାମେରା, ସ୍ପିକର, ମାଇକ୍ରୋଫୋନ ସେନସର୍ସ ଆଦି ଲାଗିଛି।

## ମାର୍କ ଜୁକରବର୍ଗ ବିଶ୍ୱର ଚତୁର୍ଥ ଧନୀ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଫେସ୍‌ବୁକର ସହପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କ ମୋଟ ସମ୍ପତ୍ତି ୨୮.୧ ବିଲିୟନ ଡଲାର ବୃଦ୍ଧି ପାଇଛି। ମେଟାର ତ୍ରୈମାସିକ ରିପୋର୍ଟ ପରେ କମ୍ପାନୀ ଶେୟାର ମୂଲ୍ୟରେ ଏହି ବୃଦ୍ଧି ଘଟିଛି। ଫଳରେ ମେଟା ସେୟାର ମୂଲ୍ୟରେ ପାଖାପାଖି ୨୦ ପ୍ରତିଶତ ବୃଦ୍ଧି ହୋଇଛି। ବ୍ଲୁମବର୍ଗ ବିଲେନିୟର ଇଣ୍ଡେକ୍ସ ଅନୁଯାୟୀ ଏବେ ମାର୍କ ଜୁକରବର୍ଗଙ୍କ ମୋଟ ସମ୍ପତ୍ତି ପରିମାଣ ୧୭୦ ବିଲିୟନ ଡଲାରରେ ପହଞ୍ଚିଛି। ଫଳରେ ସେ ମାଇକ୍ରୋସଫ୍ଟର ବିଲଗେଟସ୍‌ଙ୍କୁ ପଛରେ ପକାଇ ଧନୀ ତାଲିକାର ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ମେଟାର ତ୍ରୈମାସିକ ରିପୋର୍ଟ ୱାଲଷ୍ଟ୍ରିଟ୍ ଆକଳନ ଅପେକ୍ଷା ଢେର ଅଧିକ ରହିଛି। ଏହାସହିତ ତାଲିକାର ଶ୍ରେଷ୍ଠ ୩ ସ୍ଥାନରେ ଏଲନ୍ ମସ୍କ, ଜେଫ ବେଜୋସ୍ ଓ ବର୍ଣ୍ଣାର୍ଡ ଆର୍ଣ୍ଣୋଲ୍ଟ ରହିଛନ୍ତି।

## ରାଜଧାନୀରେ ଅରେଞ୍ଜ ହ୍ୱିଲ୍ସର ନୂଆ ଶ୍ରବଣ ଓ ସ୍ପିଚ୍ କ୍ଲିନିକ୍



**ଭୁବନେଶ୍ୱର ,୪।୨(ଏଜେନ୍ସି):** ଶ୍ରବଣ ସମ୍ପର୍କିତ ସାସ୍ଥ୍ୟସେବା ଶିଳ୍ପରେ ଏକ ଅଗ୍ରଣୀ ସଂସ୍ଥା ଓ ସିଗନିଆ ଶ୍ରବଣ ଯନ୍ତ୍ରର ଏକ ସ୍ୱୀକୃତିପ୍ରାପ୍ତ ବିତରକ ଭାବେ ଅରେଞ୍ଜ ହ୍ୱିଲ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଶ୍ରବଣ ଓ ସ୍ପିଚ୍ କ୍ଲିନିକ୍ ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ଉଚ୍ଚ ପ୍ରଶିକ୍ଷିତ ପେସାଦାରଙ୍କୁ ନେଇ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଅବସ୍ଥିତ ଏହି ନୂତନ କ୍ଲିନିକ୍ ବ୍ୟାପକ ଭାବେ ଶ୍ରବଣ ସମ୍ପର୍କିତ ସାସ୍ଥ୍ୟସେବା ଯୋଗାଇ ଦେବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ। କମ୍ପାନୀ ପକ୍ଷରୁ ଏହାର କ୍ଲିନିକ୍‌ରେ ବିଭିନ୍ନ ପ୍ରକାର ସେବା ଯଥା ଶ୍ରବଣ ଆକଳନ, ସ୍ପିଚ୍ ଥେରାପି, ଶ୍ରବଣ ଯନ୍ତ୍ର ଫିଟିଙ୍ଗସ୍ ଏବଂ ପରାମର୍ଶ ପ୍ରଦାନ ଭଳି ସେବା ଯୋଗାଇ ଦିଆଯିବ। ସିଗନିଆ ଏହାର ଅତ୍ୟାଧୁନିକ ଶ୍ରବଣ ସମ୍ପର୍କିତ ସମାଧାନ ପ୍ରଦାନ ଓ ଆକର୍ଷକ ଡିଜାଇନ୍ ସହିତ ଉନ୍ନତମାନର ଜ୍ଞାନକୌଶଳ ଦ୍ୱାରା ଗ୍ରାହକଙ୍କ ଅନୁଭବକୁ ଅତ୍ୟୁତମ କରିବା ପାଇଁ ବେଶ ପରିଚିତ। ଏହି ଅବସରରେ ଅରେଞ୍ଜ ହ୍ୱିଲ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅଭିଷେକ ଓ ସିଦ୍ଧାନ୍ତ କହିଛନ୍ତି ଯେ ଉଚ୍ଚମାନର ଶ୍ରବଣ ସମ୍ପର୍କିତ ସ୍ୱାସ୍ଥ୍ୟ ସେବା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଶ୍ରବଣ ଯନ୍ତ୍ର ମାଧ୍ୟମରେ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଆମ କ୍ଲିନିକ୍‌ର ମୁଖ୍ୟ ଉଦ୍ଦେଶ୍ୟ।

# ହ୍ୟାକର୍ସଙ୍କ କବ୍‌ଜାରେ ୩୦୦ ସରକାରୀ ୱେବ୍‌ପୋର୍ଟାଲ

ନୂଆଦିଲ୍ଲୀ, ୪।୨ (ଏଜେନ୍ସି)



- **ଅନେକ ରାଜ୍ୟର ବିଭାଗଗୁଡିକୁ ଜଣାନାହିଁ**
- **ହେଉଛି କୋଟି କୋଟି ଟଙ୍କାର ବେଟିଂ**
- **ୱେବ୍‌ପୋର୍ଟାଲରେ ଦିଆଯାଉଛି ବିଜ୍ଞାପନ**
- **ସରକାର ସବୁ ଜାଣି ବି ଉପାୟଶୂନ୍ୟ**

ଦେଶରେ ୨୧ ଲକ୍ଷରୁ ଅଧିକ ସରକାରୀ ୱେବ୍‌ସାଇଟ ରହିଛି। ପ୍ରତି ଦିନ ଲକ୍ଷ ଲକ୍ଷ ଲୋକ ଏହି ସବୁ ସାଇଟ୍‌ଗୁଡିକୁ ସର୍ଫ ଯାଉଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ହେଉଛି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଏଭଳି ୩୦୦ରୁ ଅଧିକ ୱେବ୍‌ପୋର୍ଟାଲ ହ୍ୟାକ୍ ହୋଇଯାଇଛି। ଏହିସବୁ ପୋର୍ଟାଲ ହ୍ୟାକର୍ସଙ୍କ କବ୍‌ଜାରେ ରହିଛି। ସେମାନେ ଏଥିରେ ଅନ୍‌ଲାଇନ ଗେମିଂ ଏବଂ କ୍ରିକେଟ ବେଟିଂ ସମ୍ବନ୍ଧିତ ବିଜ୍ଞାପନ ଦେଖାଉଛନ୍ତି। ଏହା ଉପରେ କେହି କ୍ଲିକ୍ କରିବା ପରେ ସିଧାସଳଖ ପେମେଣ୍ଟ ଗେଟ୍‌ୱେ ବିକଳ୍ପ ଆସିଯାଉଛି। ଏହି ୟୁଆରଏଲର ଲିଙ୍କ୍‌କୁ ସାମାଜିକ ଗଣମାଧ୍ୟମରେ ମାଧ୍ୟମରେ ଦେଶର ଛୋଟ ଛୋଟ ସହରକୁ ପଠାଯାଉଛି। କେନ୍ଦ୍ରର କମ୍ପ୍ୟୁଟର ଏମର୍ଜେନ୍ସି ରେସପନ୍ସ ଟିମ୍ (ସର୍ଟ) ଏଭଳି ଅନେକ ୱେବ୍‌ସାଇଟକୁ ଚିହ୍ନଟ କରିଛି। ନକଲି ଏବଂ ଅପମିଶ୍ରିତ ସାମଗ୍ରୀ ପ୍ରତି ଲୋକଙ୍କୁ ସଚେତନ କରାଉଥିବା ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍)ର ପୋର୍ଟାଲ ମଧ୍ୟ ଏଭଳି ସାମଗ୍ରୀରେ ଦେଖାଯାଉଛି। ଏହା ବି ହ୍ୟାକର୍ସଙ୍କ କବ୍‌ଜାକୁ ଚାଲିଯାଇଛି। ଇଣ୍ଡୋନେସିଆ, ଥାଇଲାଣ୍ଡ ଏବଂ ପାକିସ୍ତାନରେ ଥିବା ହ୍ୟାକର୍ସ ଏହା ମାଧ୍ୟମରେ ହଜାର ହଜାର କୋଟି ଟଙ୍କାର ବେଟିଂ ଲଗାଉଛନ୍ତି। ତେବେ ଏ ବିଷୟରେ ଅନେକ ରାଜ୍ୟ ସରକାର ଅବଗତ ନାହାନ୍ତି। ମଧ୍ୟପ୍ରଦେଶର ରେଶମ ସଞ୍ଚାଳନାଳୟ, କେରଳ, ତେଲଙ୍ଗାନା ଏବଂ ଉତ୍ତରାଖଣ୍ଡ ସରକାରର ଅନେକ ବିଭାଗ ପାଖରେ ହ୍ୟାକିଂ ନେଇ କୌଣସି ସୂଚନା ନାହିଁ। ଆଉ କିଛି ରାଜ୍ୟ ସରକାର ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି।

ଏହି ହ୍ୟାକିଂର ସୂଚନା ସର୍ଟ ପାଖରେ ରହିଛି, କିନ୍ତୁ ସାଇବର ସିକ୍ୟୁରିଟି ଟିମ୍ ଏହାକୁ ଠିକ୍ କରିବାକୁ ପ୍ରୟାସ କରିବା ମାତ୍ରେ ହ୍ୟାକର୍ସ ପୋର୍ଟାଲର ସମସ୍ତ ତଥ୍ୟକୁ କବ୍‌ଜାକୁ ନେଇ ରାନ୍‌ସମୱେର ଆକ୍ରମଣ କରିଦେଉଛନ୍ତି। ସାଇଟ୍‌ରେ ଥିବା ଡାଟା ପର୍ଯ୍ୟନ୍ତ ପହଞ୍ଚିବାକୁ ମଧ୍ୟ ଦେଉନାହାନ୍ତି। ଅନେକ ସରକାରୀ ୱେବ୍‌ସାଇଟ ପ୍ରତିଦିନ ରାନସମୱେୟରର ଶିକାର ହେଉଛି। ଏହି ପୋର୍ଟାଲଗୁଡ଼ିକ ମଧ୍ୟରେ କେନ୍ଦ୍ର ସରକାରଙ୍କ ଡିବିଟି ପୋର୍ଟାଲ, କୃଷି ଅନୁସନ୍ଧାନ ବିଭାଗ, ବିଆଇଏସ, ଚେନ୍ନଇ ପୋର୍ଟ, ସ୍କୁଲ୍ ଅଫ୍ ଇନୋଭେସନ କାଉନସିଲ, ୟୁନେସ୍କୋ ଇଣ୍ଡିଆ ୱେବସାଇଟ, ମହାରାଷ୍ଟ୍ର ସରକାରର ହାଉସିଂ ବିଭାଗ, ମଧ୍ୟପ୍ରଦେଶ ସରକାରର ରେଶମ ଡାଇରେକ୍ଟୋରେଟ, ଉତ୍ତରାଖଣ୍ଡର ସୂଚନା କମିଶନ ସାମିଲ ରହିଛି। କୌଣସି କ୍ରିକେଟ ମ୍ୟାଚ୍ ଚାଲୁଥିବା ସମୟରେ ଏହି ଲିଙ୍କ ସର୍ବାଧିକ ପଠାଯାଉଛି। ଆଇପିଏଲ ସମୟରେ ଏହା ଜୋରସୋରରେ ଚାଲୁଛି। ହ୍ୟାକର୍ସ ବିଜ୍ଞାପନ ପାଇଁ ସରକାରୀ ୱେବପୋର୍ଟାଲରୁ ୟୁଆରଏଲ ପଠାଉଛନ୍ତି। କେହି ଲଗ୍-ଇନ କରିବା ପରେ ପେମେଣ୍ଟ ଗେଟୱେ ଆସୁଛି। ଏଥିରେ ୱାଲେଟ ରହିଛି। ଗେମ୍ ଖେଳିବା ପାଇଁ ଏହାକୁ ରିଚାର୍ଜ କରିବାକୁ ପଡୁଛି। ଅର୍ଥାତ୍ ପ୍ରଥମେ ଟଙ୍କା ଦେବା ପରେ ଯାଇ ଗେମ୍ ଖେଳିପାରିବେ।

